## ବ୍ରାଉନସୁଗାର, ମୋବାଇଲ ଜବତ: ୨ ଗିରଫ

**କଟକ ଅଫିସ:** ବ୍ରାଉନ୍‌ସୁଗାର କାରବାର ଘଟଣାରେ ଲାଲବାଗ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ନାଦୋଳର ପ୍ରଶାନ୍ତ କୁମାର ନନ୍ଦ ଓ ଗୋବିନ୍ଦପୁର ଥାନା ଅଧୀନ ରାହାମ୍ବାର ଜ୍ୟୋତିରଞ୍ଜନ ବାରିକ। ସେମାନଙ୍କଠାରୁ ୧୦୬ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଲାଲବାଗ ଥାନା ଅନ୍ତର୍ଗତ ସାହେବଜାଦା ବଜାର ନିକଟରେ ଅଭିଯୁକ୍ତ ଦ୍ୱୟ ବ୍ରାଉନସୁଗାର କାରବାର କରୁଥିବାବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଲାଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକ, ତିଳତର୍ପଣ, ସକାଳ ୮ଟା।
- ସଚେତନତା କାର୍ଯ୍ୟକ୍ରମ ଅବସରରେ ମାରାଥନ୍, ମାର୍କେଟ୍ ବିଲ୍ଡିଂ (୨), ପୂର୍ବାହ୍ନ ୯ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୬ତମ ଶ୍ରାଦ୍ଧୋତ୍ସବ, ଭୁବନେଶ୍ୱର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ସେବା ଗୃହର ଉଦ୍‌ଘାଟନୀ, କଲ୍ୟାଣୀ ନଗର, ପାତ୍ରପଡା, ଏଆଇଆଇଏମ୍‌ଏସ୍, ପୂର୍ବାହ୍ନ ୧୦ଟା।
- ସାରସ୍ୱତ ପତ୍ରିକା କନିକା କଲମର ପ୍ରତିଷ୍ଠା ଦିବସ, ଓଏସ୍‌ଏସ୍‌ଏ ହଲ୍, ୟୁନିଟ୍-୩, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଆର୍ଟିଷ୍ଟ କ୍ୟାମ୍ପ ଓ ଫିଲ୍ମ ଫେଷ୍ଟିଭାଲ ଚିତ୍ରାଞ୍ଜଳିର ଉଦ୍‌ଘାଟନୀ, ଏକାମ୍ର ଅର୍ବାନ ହାଟ,ପୂର୍ବାହ୍ନ ୧୧ଟା।
- ଉତ୍କଳ ରଜକ ମହାସଂଘର ମୁଖ୍ୟ ସାଧାରଣ ସମ୍ପାଦକ ସଂଗ୍ରାମୀ ଆକୁଳି ଚନ୍ଦ୍ର ସେଠୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା, ବୁଦ୍ଧ ମନ୍ଦିର ସଭାକକ୍ଷ, ପୂର୍ବାହ୍ନ ୧୧ଟା।
- ପାଠଘର ପକ୍ଷରୁ କାର୍ତ୍ତିକ ପୂଜା, ପାଠଘର କ୍ଲବ ପରିସର,ମଧାହ୍ନ ୧୨ଟା।
- ୨୫ତମ କଳିଙ୍ଗ ପୁସ୍ତକ ମେଳା-୨୨ ମଞ୍ଚରେ କାବ୍ୟଲୋକ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ କାର୍ଯ୍ୟକ୍ରମ, ୨୯୭୪, ଗ୍ୟାରେଜ ଛକ, ଲୁଇସ୍ ରୋଡ, କେନାଲ ପାଖ, ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ଫେଷ୍ଟିଭାଲ, ୱେଲକମ୍ ହୋଟେଲ, ଅପରାହ୍ନ ୪ଟା ୩୦।
- ଉତ୍କଳ କନିକା ଗ୍ୟାଲେରିଆ ପକ୍ଷରୁ ଖୁସିଯୋକା ତ୍ୱହାର, ଉତ୍କଳ କନିକା ଗ୍ୟାଲେରିଆ, ଅପରାହ୍ନ ୫ଟା।
- ପଣ୍ଡିତ ନୀଳକଣ୍ଠ ଦାସଙ୍କର ୫୬ତମ ଶ୍ରାଦ୍ଧବାର୍ଷିକୀ, ଭାରତୀୟ ବିଦ୍ୟା ଭବନର ମୁନ୍ସୀ ସଭାଗୃହ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ସାଇଶ୍ରଦ୍ଧା ପ୍ରତିଜ୍ଞନ ଟ୍ରଷ୍ଟ ପକ୍ଷରୁ ନବକଳେବର ନାଟକର ଉଦ୍‌ଯାପନୀ ଉତ୍ସବ,ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପଙ୍କଜ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଗୀତାଯଜ୍ଞର କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ପାରିବାସୁଦେଇପୁର ସ୍ଥିତ ବନ ବିହାରୀ ପୀଠ, ପୂର୍ବାହ୍ନ ୧୦ଟା।
- ପଞ୍ଚୁକ ରାହସ, ନିକୁଞ୍ଜବିହାରୀ ମନ୍ଦିର, ସନ୍ଧ୍ୟା ୭ଟା।
- କାର୍ତ୍ତିକ ପୂଜା ଉପଲକ୍ଷେ ପ୍ରିସେଲ୍‌ରେ ଅପେରା ପରିବେଷଣ, ରୁଦ୍ରପୁର, ସୁନ୍ଦରାପାଟଣା ପୂଜା ମଣ୍ଡପ, ରାତି ୧୧ଟା ୩୦।

**ଜଟଣୀ**

- ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବଡ଼ଓଷା ପର୍ବରେ ଭଜନ କାର୍ଯ୍ୟକ୍ରମ, କନ୍ଥିଆ ଗ୍ରାମ, ସନ୍ଧ୍ୟା ୭ଟା।

**କଟକ**

- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମେଗା ସଚେତନତା ଶିବିର, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୯ଟା।

# ବିଳମ୍ବିତ ରାତି ଯାଏ ଚାଲିଥିଲା ରେଭ୍ ପାର୍ଟି

## ରିସର୍ଟ ମାଲିକ ସମେତ ୨ ଗିରଫ

- ନିଶାରେ ନାଚୁଥିଲେ ୫୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ
- ୨୦ ଲିଟର ମଦ ଜବତ

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)



ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଛତାବରସ୍ଥିତ ହାପି ମୋମେଣ୍ଟ୍ସ ରିସର୍ଟରେ ବେଆଇନ ଭାବେ ବିଳମ୍ବିତ ରାତିଯାଏ ଚାଲିଥିଲା ରେଭ୍ ପାର୍ଟି। ଜମିଥିଲା ବିଦେଶୀ ମଦର ଆସର। ରଙ୍ଗିନ ଆଲୁଅରେ ଡିଜେ ମ୍ୟୁଜିକ୍‌ର ତାଳେ ତାଳେ ନିଶାରେ ଝୁମି ଚାଲିଥିଲେ ୫୦ରୁ ଅଧିକ ଯୁବତୀଯୁବକ। ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ରିସର୍ଟ ମାଲିକ ଆୟୋଜନ କରିଥିଲେ ଏହି ରେଭ୍ ପାର୍ଟି। ଚନ୍ଦକା ଥାନା ପୋଲିସ ରାତି ପ୍ରାୟ ୪ଟାରେ ଉକ୍ତ ରସର୍ଟରେ ଅତର୍କିତ ଚଢ଼ାଉ କରି ମାଲିକ ଓ ରୋଷେୟାଙ୍କୁ ଗିରଫ କରିଛି। ଏଥିସହ ଘଟଣାସ୍ଥଳରୁ ୪୦ କେନ୍ ମଦ (୨୦ ଲିଟର) ମଧ୍ୟ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରିସର୍ଟ ମାଲିକ ତଥା ଶହୀଦନଗର ପ୍ଲଟ୍ ନଂ.ଏ-୧୨୦ରେ ରହୁଥିବା ଶିବ ପ୍ରସାଦ ପଟ୍ଟନାୟକ(୫୩)। ଅନ୍ୟଜଣେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ସୋଲାପୁର ଗ୍ରାମର ରାହୁଲ ମଲ୍ଲିକ (୩୦)। ଏନେଇ ଥାନାରେ ଏକ ମାମଲା ନଂ.୨୬୧/୨୦୨୨ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ପୋଲିସର ଚଢ଼ାଉ ଦେଖି ଯୁବତୀଯୁବକମାନେ ଛତ୍ରଭଙ୍ଗ ଦେଇଥିବାବେଳେ ଅନ୍ୟ କର୍ମଚାରୀମାନେ ଖସି ପଳାଇଥିଲେ।

ଏନେଇ ଚନ୍ଦକା ଥାନା ଅଧିକାରୀ ସୁରେନ୍ଦ୍ର ବଳ କହିଛନ୍ତି, ଘଟଣା ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲିଛି। କୋଭିଡ୍ କଟକଣା ଯୋଗୁ ହାପି ମୋମେଣ୍ଟ୍ସ ରିସର୍ଟକୁ ବନ୍ଦ କରାଯାଇଥିଲା। ପରେ କିଛି ମାସ ହେବ ସେଠାରେ ବିବାହ ଉତ୍ସବ କରାଯାଉଥିଲା। ହେଲେ ଶୁକ୍ରବାର ରାତିରେ ରେଭ୍ ପାର୍ଟି ଓ ମଦ ବେପାର ଚାଲିଥିବା ନେଇ ପାଟ୍ରୋଲିଂ ଟିମ୍ ଖବର ପାଇବା ପରେ ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରିଥିଲୁ। ଏହା ଏକ ବେଆଇନ କାମ। ମାଲିକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପଦକ୍ଷେପ ନେଇଛୁ। ଯଦି ଆଗାମୀ ଦିନରେ ଏଭଳି କାର୍ଯ୍ୟ କିଏ କରେ ତା' ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ହେଲେ ମିଳିଥିବା ସୂଚନାନୁସାରେ, ଗତ କିଛିଦିନ ହେବ ଏହି ରିସର୍ଟରେ ରେଭ୍ ପାର୍ଟି ଚାଲିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦେଶୀ ମଦ ସହ ଅନ୍ୟ ନିଶା କାରବାର ହେଉଥିଲା। ହେଲେ ପୋଲିସ ପୂର୍ବରୁ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।

# ରୋଗାକ୍ରାନ୍ତ ପିଲାଙ୍କୁ ବାଲିରେ ପୋତିଲେ ମିଳେ ମୁକ୍ତି



କୋଣାର୍କ ନବଗ୍ରହ ପୀଠରେ ରୋଗାକ୍ରାନ୍ତ ପିଲାମାନଙ୍କୁ ଆରୋଗ୍ୟ ପାଇଁ ବାଲିରେ ପୋତାଯାଇଛି।

## କାର୍ତ୍ତିକ ମାସରେ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୋଣାର୍କ,୫।୧୧(ଡି.ଏନ୍.ଏ.)

କାର୍ତ୍ତିକ ମାସର ଶେଷ ଶନିବାର ଉପଲକ୍ଷେ କୋଣାର୍କସ୍ଥିତ ନବଗ୍ରହ ପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରକାଶ ଯେ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ନବଗ୍ରହ ପୀଠ ଥିବାରୁ ପରିବାର, ଆତ୍ମୀୟ ସ୍ୱଜନଙ୍କ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ପୀଠରେ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଲାଗିରହିଥାଏ। ହେଲେ କାର୍ତ୍ତିକ ମାସରେ ନବଗ୍ରହ ପୀଠରେ ଗ୍ରହଙ୍କର ପୂଜାର୍ଚ୍ଚନା କଲେ ପରିବାରରେ ସୁଖ ସମୃଦ୍ଧି ଆସିବା ସହ ଗ୍ରହ ନକ୍ଷତ୍ରଙ୍କ କୋପ ଦୃଷ୍ଟିରୁ ମୁକ୍ତି ମିଳିଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଏହି ପରିପ୍ରେକ୍ଷୀରେ କାର୍ତ୍ତିକ ମାସରେ ଏହି ନବଗ୍ରହ ପୀଠରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ଏଥିସହ ପୀଠରେ ଥିବା ବାଲିରେ ଦୁରାରୋଗ୍ୟ ପୀଡ଼ିତ, ବିକଳାଙ୍ଗ ଶିଶୁ, ପୋଲିଓ ରୋଗାକ୍ରାନ୍ତ ଶିଶୁ ସମେତ ଗ୍ରହ ପୀଡିତ, ରୋଗାକ୍ରାନ୍ତ ଶିଶୁଙ୍କୁ ନିଜର ମାଆ ଗାତ ଖୋଳି ପୋତିଲେ ଦୁରାରୋଗ୍ୟରୁ ମୁକ୍ତି ମିଳେ ବୋଲି କିମ୍ବଦନ୍ତୀରୁ ସୂଚନା ମିଳେ। ଏଥିପାଇଁ ମହିଳାମାନେ ନିର୍ଜଳା ଉପବାସ କରି ବ୍ରତ ରଖିବା ସହ ନବଗ୍ରହ ପୀଠରେ ପୂଜାର୍ଚ୍ଚନା, ହୋମଯଜ୍ଞ କରିବା ସହ ନିଜର ପରିବାର ସଦସ୍ୟମାନଙ୍କ ରିଷ୍ଟ ଖଣ୍ଡନ ପାଇଁ କାର୍ତ୍ତିକ ମାସରେ ଗ୍ରହରାଜ ଶନିଦେବଙ୍କ ସମେତ ଅନ୍ୟ ଗ୍ରହଙ୍କୁ ମଧ୍ୟ ପୂଜାର୍ଚ୍ଚନା କରିଥାନ୍ତି। କାର୍ତ୍ତିକ ମାସରେ ଶତାଧିକ ଶ୍ରଦ୍ଧାଳୁଙ୍କ ନବଗ୍ରହ ପୀଠରେ ସମାଗମ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦୃଷ୍ଟିଗୋଚର ହୋଇଥିଲା। ନବଗ୍ରହ ସେବାୟତ ସମିତି ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ ଧାଡି ଦର୍ଶନର ବ୍ୟବସ୍ଥା କରାଯାଇଥିଲା।

## ୟୁଟ୍ୟୁବ୍‌ରେ ଫିଲ୍ମ 'ଦମନ'ର ବେଆଇନ ଅପ୍‌ଲୋଡ୍

### ସାଇବର ଥାନାରେ ଅଭିଯୋଗ କଲେ ପ୍ରଯୋଜକ

ଭୁବନେଶ୍ୱର,୫।୧୧ (ବ୍ୟୁରୋ)

ଜଣେ ଯୁବ ଡାକ୍ତରଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଉପରେ ଆଧାରିତ ଓଡିଆ ଚଳଚ୍ଚିତ୍ର 'ଦମନ' ଶୁକ୍ରବାର ରିଲିଜ ହୋଇଛି। ବାବୁସାନ ଅଭିନୀତ ଏହି ଚଳଚ୍ଚିତ୍ର ରିଲିଜ ହେବାର କିଛି ସମୟ ପରେ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳିଛି। ଏନେଇ ଦମନର ପ୍ରଯୋଜକ ଦୀପେନ୍ଦ୍ର ସାମଲ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କିଛି ୟୁଟ୍ୟୁବ୍ ଚ୍ୟାନେଲରେ ତାଙ୍କର ଫିଲ୍ମକୁ ବେଆଇନ ଭାବେ ଅପ୍‌ଲୋଡ୍ କରାଯାଇଛି। ଚଳଚ୍ଚିତ୍ର ନିର୍ମାତା ସଂସ୍ଥାର ବିନା ଅନୁମତିରେ ଏପରି ପ୍ରସାରଣ ବେଆଇନ। ତେଣୁ ଫିଲ୍ମ ଅପ୍‌ଲୋଡ୍ କରିଥିବା ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ସାଇବର ଥାନା ପୋଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

## ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ, ୫।୧୧

ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୨ ତାରିଖରେ ଉଚ୍ଚ ନ୍ୟାୟାଳୟ, ଜିଲାର ସମସ୍ତ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଅଦାଲତରେ ଦେୱାନି ଓ ଫୌଜଦାରି (ସାଲିସ ଯୋଗ୍ୟ) ମାମଲା, ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଇତ୍ୟାଦି ବିଚାରାଧୀନ ମାମଲାର ଆପୋସ ସମାଧାନ କରାଯାଇପାରିବ। ଏଥିସହ ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦର ସମାଧାନ ହେବ। ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଏପରି କି ଲୋକ ଅଦାଲତ ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ ବୋଲି କଟକ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ସୁସ୍ଥ ଜୀବନ ପାଇଁ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ଜରୁରୀ

ଭୁବନେଶ୍ୱର,୫।୧୧(ବ୍ୟୁରୋ)




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜଣେ ମଣିଷ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ତରରେ ଠିକ୍ ରହିବା ନିହାତି ଆବଶ୍ୟକ। କୋଭିଡ୍ ସମୟରେ ଲୋକମାନେ ମାନସିକ ସ୍ତରରେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। ବିଶେଷତଃ ଛୋଟ ପିଲା, ଯୁବବର୍ଗ ମାନସିକ ସ୍ତରରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ଶନିବାର ପ୍ରେସ୍‌କ୍ଲବଠାରେ ଅନୁଷ୍ଠିତ 'ଓଡ଼ିଶାର ତୃଣମୂଳ ସ୍ତରରେ ମାନସିକ ସ୍ୱାସ୍ଥ୍ୟ ସଚେତନତା' କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ମାନସିକ ଅଶାନ୍ତି କେମିତି ହୁଏ, ମାନସିକ ସ୍ଥିତି କିଭଳି ଠିକ୍ ରହିବ, ସେନେଇ ଅତିଥିମାନେ ଆଲୋଚନା କରିଥିଲେ। ହ୍ୟୁମାନକଣ୍ଟେକ୍ସଟ୍ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରଭେଶନାଲ ସାଇକାଟ୍ରି ଓ ବିହେଭରାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ସିୱାଇଏସ୍‌ଡିର ସଦସ୍ୟ ସଚିବ ଜଗଦାନନ୍ଦ, ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ନମ୍ରତା ଚଢ଼ା, ଟିମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର ଏବଂ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ମତ ରଖିଥିଲେ। ପ୍ରଥମ ଅଧିବେଶନରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଜେ.ପିଆର୍. ରାଭନ୍, ଡ. ଉଦିତ ପଣ୍ଡା, ଡ. ଜିଜ୍ଞାସା ପଟ୍ଟନାୟକ ଓ ସୁଶ୍ରୀ ମିଶ୍ର ପ୍ରମୁଖଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କୁ ନେଇ ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର, ଉଦ୍ୟୋଗୀ, ଥେରାପିଷ୍ଟ, ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ର ମଧ୍ୟ ଉପସ୍ଥିତ ଥିଲେ। ହ୍ୟୁମାନକଣ୍ଟେକ୍ସଟ୍‌ର ସହ ପ୍ରତିଷ୍ଠାତା ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବର୍ଷାରାଣୀ



@ ଏଭେଲିନା



@ ମନ୍ଦାକିନୀ



@ ପ୍ରାଣନାଥ




@ ଚିତ୍ତରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପଞ୍ଚକ ବ୍ରତ ଅବସରରେ ହବିଷିଆଳିମାନେ ଶନିବାର ପୁରୀ ମହୋଦଧି ନିକଟରେ ରାଇଦାମୋଦର ପୂଜା କରୁଛନ୍ତି।



କାର୍ତ୍ତିକ ପୂର୍ଣ୍ଣିମାରେ ବିନ୍ଦୁସାଗରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପୁରୁଣା ଭୁବନେଶ୍ୱର ନଳମୁହାଣ ସାହିର ହୃଷୀକେଶ ବେହେରା ୧୫ ଫୁଟ ଲମ୍ବର ଏକ ବୋଇତ ତିଆରି କରୁଛନ୍ତି।



ଭୁବନେଶ୍ୱର ଟଙ୍କପାଣି ରୋଡ୍‌ର ସାଇମନ୍ଦିର ନିକଟ ଭୁବନେଶ୍ୱର ଗ୍ରାଣ୍ଡଠାରେ ଚାଲିଥିବା ଓଡ଼ିଶା ଫଟୋ ମେଳାକୁ ଲୋକେ ବୁଲି ଦେଖିବା ସହ କିଣାକିଣି କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ଧାର ଟଙ୍କା ମାଗିବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୧୧(ବ୍ୟୁରୋ) - ଧାର୍ ଟଙ୍କା ମାଗିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ସହ ଗାଡି ଭଙ୍ଗାରୁଜା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପୋଖରିପୁଟ ଭୋଇସାହିରେ ରହୁଥିବା ଅକ୍ଷୟ କୁମାର ଭୋଇ(୪୭)। ତାଙ୍କ ନିକଟରୁ ଏକ ଅଟୋ ଓ ୨ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଅଭିଯୋଗକାରୀ ବିଜୟ ସାମଲଙ୍କଠାରୁ ଗତ ୫ ମାସ ତଳେ ଅଭିଯୁକ୍ତ ହଜାରେ ଟଙ୍କା ଧାର ନେଇଥିଲେ। ସାମଲ ଉକ୍ତ ଟଙ୍କା ଫେରାଇଦେବା ପାଇଁ କହିବାରୁ ଅଭିଯୁକ୍ତ ଅକ୍ଷୟ ମଧ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହାର କିଛି ସମୟ ପରେ ସେ ନିଜ ଅଟୋରେ ୪ଜଣ ସହଯୋଗୀଙ୍କ ସହ ଆସି ବିଜୟଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହିତ ତାଙ୍କ ଟ୍ରଲିକୁ ଭାଙ୍ଗି ଦେଇଥିଲେ।

### ସହର ସାରା ଝୁଲୁଛି ଏରିଏଲ୍ କେବୁଲ

ଭୁବନେଶ୍ୱର,୫।୧୧ (ବ୍ୟୁରୋ): ରାଜଧାନୀକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଉଛି। ସହରର ସୌନ୍ଦର୍ଯ୍ୟକରଣକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ତେବେ ବାସ୍ତବରେ ସହରର କିଛି ମୁଖ୍ୟସ୍ଥାନରେ ଏହି ସୌନ୍ଦର୍ଯ୍ୟକରଣ ସୀମିତ ରହିଛି। ବିଏସ୍‌ସିଏଲ୍ ପକ୍ଷରୁ ଅନଧିକୃତ କେବୁଲକୁ ହଟାଯାଉଛି। ସହରର ଗଳିକନ୍ଦିରେ ଏରିଏଲ୍ କେବୁଲ ବିପଜ୍ଜନକ ସ୍ଥିତିରେ ଝୁଲି ରହିଥିବାବେଳେ କେବଳ ଆଖିଦୃଶିଆ ପ୍ରମୁଖ ଅଞ୍ଚଳରୁ କେବୁଲ ହଟାଇ ଦୋଷ ଖସାଇବାକୁ ଚେଷ୍ଟା କରୁଛି ବିଏସ୍‌ସିଏଲ। ଟେଲିଫୋନ୍, ଇଣ୍ଟରନେଟ୍, ଟେଲିଭିଜନ କେବୁଲ ଆଦି ଏରିଏଲ କେବୁଲ ବିପଦସଂକୁଳ ଭାବେ ଓହଳି ରହିଛି। ବିଶେଷ କରି ପୁରୁଣା ଭୁବନେଶ୍ୱର, ଆଇଗିଣିଆ, ଡୁମୁଡୁମା, ରସୁଲଗଡ଼, ଜିଜିପି କଲୋନୀ, କଳିଙ୍ଗନଗର ଆଦି ଅଞ୍ଚଳରେ ଝୁଲି ରହିଛି କେବୁଲ। ସ୍ମାର୍ଟସିଟିରେ ମାଟି ତଳେ କେବୁଲ ବିଛାଇ ଉପଭୋକ୍ତାଙ୍କୁ ଆବଶ୍ୟକ ସେବା ପ୍ରଦାନ ପାଇଁ ଯୋଜନା କରାଯାଉଥିବାବେଳେ ବିଭିନ୍ନ ଘରୋଇ କମ୍ପାନୀ ଅବମାନନା କରିଆସୁଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଡିସେମ୍ବର ୯ରୁ ରାଜ୍ୟସ୍ତରୀୟ ପୁସ୍ତକ ମେଳା

ଭୁବନେଶ୍ୱର,୫।୧୧(ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୯ରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ପୁସ୍ତକ ମେଳା 'ଅକ୍ଷର'। ଡିସେମ୍ବର ୧୮ ତାରିଖ ଯାଏଁ ୧୦ଦିନ ବ୍ୟାପୀ ଏହା ପ୍ରଦର୍ଶନୀ ପଡ଼ିଆରେ ଚାଲିବ। ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି, ଓଡ଼ିଶା ପବ୍ଲିସର୍ସ ଆଣ୍ଡ ବୁକ୍ ସେଲ୍‌ର ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେବ। ମେଳାରେ ଷ୍ଟଲ ପକାଇବା ଲାଗି ନଭେମ୍ବର ୨୦ ଶେଷ ଆବେଦନ ତାରିଖ ରହିଛି। ପ୍ରତ୍ୟେକ ଦିନ ଏହା ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ମେଳା ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସବୁ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।

# ଆଜିଠାରୁ ଭୁଆସୁଣୀରେ ପଡ଼ିବ ଅଳିଆ

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)

**ଆଲୋଚନା ପରେ ବିବାଦର ସମାଧାନ ହେଲା**

- ନିଯୁକ୍ତ ହେବେ ସିକ୍ୟୁରିଟି ଗାର୍ଡ
- ମୁଖ୍ୟ ରାସ୍ତାରେ ନିର୍ମାଣ ହେଲା ହମ୍ପସ୍, ଲାଗିଲା ଲାଇଟ୍

ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ନେଇ ଦାରୁଠେଙ୍ଗ ଗ୍ରାମବାସୀ ଏବଂ ବିଏମ୍‌ସି ମଧ୍ୟରେ ଲାଗିଥିବା ସମସ୍ୟାର ସମାଧାନ ହୋଇଛି। ପୁଣିଥରେ ଗ୍ରାମବାସୀଙ୍କୁ ମନାଇବାରେ ସକ୍ଷମ ହୋଇଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବିଏମ୍‌ସି କାର୍ଯ୍ୟାଳୟରେ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି। ରବିବାରଠାରୁ ପୂର୍ବପରି ସହରରୁ ବାହାରୁଥିବା ଅଳିଆ ଭୁଆସୁଣୀ ଡମ୍ପିଂୟାର୍ଡରେ ପକାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଆଲୋଚନାରେ ଏଥର କେବଳ ପ୍ରତିଶ୍ରୁତି ନୁହେଁ, ବରଂ ଗ୍ରାମବାସୀ କିଛି ଦାବି ଉପସ୍ଥାପନ କରିଥିଲେ। ଦାବି ମୁତାବକ, ଡମ୍ପିଂୟାର୍ଡ ପାଖ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସିକ୍ୟୁରିଟି ଆଉଟ୍‌ପୋଷ୍ଟ କରାଯିବ। ସେଠାରେ ୨ଜଣ ସିକ୍ୟୁରିଟି ନିଯୁକ୍ତ ରହିବେ ଏବଂ ସେମାନେ ଅଳିଆ ଗାଡ଼ିର ବେଗ ଉପରେ ନଜର ରଖିବେ। ସେହିପରି ମୁଖ୍ୟ ରାସ୍ତାରେ ବିଏମ୍‌ସି ପକ୍ଷରୁ ହମ୍ପସ୍ କରାଯାଇ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ତେଣୁ ଦ୍ରୁତଗତି କିମ୍ବା ଅନ୍ଧାର ପାଇଁ ଆଉ କୌଣସି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଏମ୍‌ସି କହିଛି।



ସୈନିକ ସ୍କୁଲ ନିକଟ ଟିଟିଏସ୍‌ରେ ଜମା ହୋଇ ରହିଥିବା ଅଳିଆ ।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ ବିଏମ୍‌ସି ପକ୍ଷରୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥିଲା। ଏଥିସହ ତାଙ୍କ ପରିବାରରୁ ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମାତ୍ର ଗ୍ରାମବାସୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ବାରଣ କରିଥିଲେ। ଫଳରେ ୬ଦିନ ଧରି ସହରର ଅଳିଆ ଡମ୍ପିଂୟାର୍ଡକୁ ନ ଯାଇ ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍‌ରେ ପକା ଯାଉଥିଲା। ଏହାପୂର୍ବରୁ ମଧ ଅଳିଆ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା, ଯାହାକୁ ନେଇ ସେତେବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ୨୦ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଡମ୍ପିଂୟାର୍ଡରେ ଅଳିଆ ପକାଇବା ବନ୍ଦ କରାଯାଇଥିଲା। ବହୁ ବୁଝାଶୁଝା ପରେ ସ୍ଥିତିରେ ସୁଧାର ଆସିଥିବାବେଳେ ପୁଣି ଦୁର୍ଘଟଣା ପୂର୍ବ ସ୍ଥିତିର ପୁନରାବୃତ୍ତି ଘଟାଇଥିଲା। ତେବେ ଗ୍ରାମବାସୀଙ୍କୁ ମନାଇବାରେ ଏଥର ସମର୍ଥ ହୋଇଛି ବିଏମ୍‌ସି। ଡମ୍ପିଂୟାର୍ଡରେ ଅଳିଆ ପକାଇବା ପାଇଁ ପୂର୍ବରୁ ଗ୍ରାମବାସୀ ବିଏମ୍‌ସିକୁ ୯ମାସ ସମୟ ଦେଇଥିଲେ। ଏହା ମଧ୍ୟରେ ୨ମାସ ଅତିକ୍ରମ କରି ସାରିଥିବାବେଳେ ବିଏମ୍‌ସି ହାତରେ ଆଉ ୭ମାସ ସମୟ ରହିଛି। ତେବେ ଏହା ମଧ୍ୟରେ ନୂତନ ଏମ୍‌ସିସି କାର୍ଯ୍ୟକ୍ଷମ ହୋଇଯିବ, ଫଳରେ ଅଳିଆ ପକାଇବା ପାଇଁ ଆଉ ଭୁଆସୁଣୀ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସହରରେ ମୋଟ୍ ୫୦ଟି ଏମ୍‌ସିସି ନିର୍ମାଣ ହେବାକୁ ଥିବାବେଳେ ଏବେସୁଦ୍ଧା ପ୍ରାୟ ୩୩ଟି ଏମ୍‌ସିସି ନିର୍ମାଣ ହୋଇ ସାରିଛି। ଖୁବ୍‌ଶୀଘ୍ର ସମସ୍ତ ଏମ୍‌ସିସି କାର୍ଯ୍ୟକ୍ଷମ ହେବା ଉପରେ ଗୁରୁତ୍ୱାରୋପ କରାଯାଉଥିବା କୁହାଯାଇଛି।

# ଗଣସଫେଇ ନାମକୁ ମାତ୍ର

ଭୁବନେଶ୍ୱର,୫।୧୧ (ବ୍ୟୁରୋ):

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସହରକୁ ସ୍ୱଚ୍ଛ ତଥା ସୁନ୍ଦର କରିବା ପାଇଁ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି। ଗଣସଫେଇ, ରାତ୍ରିକାଳୀନ ସଫେଇ ଆଦି କରାଯାଉଛି। ତେବେ ଏହି ସବୁ କାର୍ଯ୍ୟକ୍ରମ ସହରର କେବଳ ପ୍ରମୁଖ ସ୍ଥାନରେ କାର୍ଯ୍ୟକାରୀ ହେବାପରି ମନେହେଉଛି। ଅକ୍ଟୋବର ୩୧ରେ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି ଛକରେ ଏହିପରି ଗଣସଫେଇ କରାଯାଇଥିଲା। ସଫେଇ ସମୟର ଚିତ୍ର ମଧ ବିଏମ୍‌ସି ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା। ତେବେ ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳର ବାସ୍ତବ ଚିତ୍ର କିଛି ଭିନ୍ନ କଥା ବଖାଣୁଛି। ସଫେଇ କରାଯାଇଥିବା ଅଞ୍ଚଳର କିଛି ଗଜ ଦୂରତାରେ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବାବେଳେ ଏଥିପ୍ରତି ବିଏମସି ଅଧିକାରୀ, କର୍ମଚାରୀ କିମ୍ବା ସଫେଇ ମିତ୍ରଙ୍କ ଦୃଷ୍ଟି କିପରି ପଡ଼ିଲା ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେୟର, ସ୍ଥାନୀୟ କର୍ପୋରେଟର, ପୂର୍ବତନ କର୍ପୋରେଟରଙ୍କ ସମେତ ଅନ୍ୟମାନଙ୍କ ଦ୍ୱାରା ଏହି ସଫେଇ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଝାଡୁ ଧରି ବେଶ୍ କିଛି ସମୟ ସମସ୍ତେ ସଫେଇ କରିଥିଲେ। ତେବେ ଖଣ୍ଡଗିରି ଛକରୁ ଆରମ୍ଭ କରି କୋଳଥିଆ ଛକ ପର୍ଯ୍ୟନ୍ତ ଓଭରବ୍ରିଜ୍ ତଳେ ଗଦା ହୋଇଛି ଅଳିଆ। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରୁ ବାହାରୁଥିବା ଅଳିଆ ଏଣେତେଣେ ଉଡୁଛି। ଦିନିକିଆ ଗଣସଫେଇ କାର୍ଯ୍ୟକ୍ରମରେ ଅଳିଆ ସଫେଇ ସମ୍ଭବ ନ ହେଲେ ମଧ ପରବର୍ତ୍ତୀ ସମୟରେ ସଫେଇର ବନ୍ଦୋବସ୍ତ କରାଯିବ ବୋଲି ସ୍ଥାନୀୟ ଲୋକ ଆଶା କରୁଥିଲେ, କିନ୍ତୁ ସେପରି କିଛି ହୋଇନାହିଁ। ଗଣସଫେଇ କାର୍ଯ୍ୟ କେବଳ ପ୍ରଚାରପ୍ରସାର ସୀମିତ ରହିଥିବା ଅଞ୍ଚଳବାସୀ କହିଛନ୍ତି।

# ଜ୍ଞାନ, ସାହିତ୍ୟ ଓ ଭାଷା ଆମର ପୁଞ୍ଜି


ଫେଷ୍ଟିଭାଲକୁ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୫।୧୧(ବ୍ୟୁରୋ):

**'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଓଡ଼ିଶା ଲିଟେରାରି ଫେଷ୍ଟିଭାଲ୍ ଉଦ୍‌ଘାଟିତ**

ଜ୍ଞାନ, ସାହିତ୍ୟ ଓ ଭାଷା ହେଉଛି ଆମର ପୁଞ୍ଜି। ଗୋଟିଏ ପିଲା ଜନ୍ମହେଲା ପରେ ମାତୃଭାଷାରେ ପଢ଼ିଲେ ଓ ଲେଖିଲେ ହିଁ ସେ ତା'ର ସୃଜନଶୀଳତା ପରାକାଷ୍ଠା ଦେଖାଇବ ବୋଲି ଶନିବାର ଦୈନିକ ଇଂଲିଶ ଖବରକାଗଜ 'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍' ଦ୍ୱାରା ଆୟୋଜିତ ୧୦ମ ଓଡ଼ିଶା ଲିଟେରାରି ଫେଷ୍ଟିଭାଲକୁ ଉଦଘାଟନ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। 'ରିଡିଙ୍ଗ ଇଜ ବିକମିଙ୍ଗ: ଦ ଟ୍ୱେଣ୍ଟି ଫାଷ୍ଟ ସେଞ୍ଚୁରି ଲିଡର' ଶୀର୍ଷକ ବିଷୟବସ୍ତୁରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଜନ୍ମ ହେବା ପରେ ପିଲା ପ୍ରାରମ୍ଭିକ ଜୀବନରେ ମାତୃଭାଷାରେ ପଢ଼ିଲେ ହିଁ ତାର ବୌଦ୍ଧିକ ବିକାଶ ଘଟିଥାଏ। କାର୍ଯ୍ୟକ୍ରମରେ 'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁ ଚାୱଲା ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଜାତୀୟ ଶିକ୍ଷା ନୀତି-୨୦୨୦ରେ ଭାଷାର ଗୁରୁତ୍ୱ ସମ୍ପର୍କରେ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଚାୱଲା। ଅନ୍ୟ ଏକ ଅଧିବେଶନରେ 'ସାଂସ୍କୃତିକ ଚଳଣିର ସଂରକ୍ଷଣ: ଭବିଷ୍ୟତର କାହାଣୀ' ଶୀର୍ଷକ ବିଷୟ ବସ୍ତୁରେ ଗବେଷକ ପ୍ରତୀକ ପଟ୍ଟନାୟକ, ଓଡ଼ିଶୀ ବିଦୂଷୀ ଆରୁଷୀ ମୁଦ୍‌ଗଲ୍ ଓ କଣ୍ଠଶିଳ୍ପୀ ସ୍ମିତୀ ମିଶ୍ର ଯୋଗଦେଇ ଆଲୋଚନା କରିଥିଲେ। ସେହିପରି 'ନୂତନ ପିଢିର ଲେଖକ କେଉଁଠି' ଶୀର୍ଷକ ଆଲୋଚନାରେ ଅଧ୍ୟାପକ ବିଶ୍ୱରଞ୍ଜନ, ଲେଖକ ଗୌରହରି ଦାସ, ନବରଙ୍ଗପୁର ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଲେଖକ ସଂଘମିତ୍ରା ଭଞ୍ଜ ଯୋଗ ଦେଇଥିଲେ। ଏହାପରେ ତୃଣମୂଳ କଂଗ୍ରେସ ବିଧାୟକ ତଥା ଲେଖକ ମନୋରଞ୍ଜନ ବ୍ୟାପାରୀ ତାଙ୍କ ଜୀବନକାହାଣୀ 'ରିକ୍ସାବାଲାରୁ ବିଧାୟକ' କହିଥିଲେ। କାର୍ଯ୍ୟକ୍ରମରେ 'ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଆବାସିକ ସମ୍ପାଦକ ଶିବ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

# କଲେଜରେ ତାଲା ପକାଇ ଆନ୍ଦୋଳନ


କଲେଜ ଗେଟ୍‌ରେ ତାଲା ପକାଉଛନ୍ତି ଉତ୍ୟକ୍ତ ଛାତ୍ରୀଛାତ୍ର।

ନିମାପଡ଼ା,୫।୧୧(ଡି.ଏନ୍.ଏ.)

**ମହିଳା ହଷ୍ଟେଲରେ ପଶି ଗଣ୍ଡଗୋଳ ଘଟଣା**

ନିମାପଡ଼ା କଲେଜର ମହିଳା ହଷ୍ଟେଲ ମଧ୍ୟରେ ଛାତ୍ରୀ ରୋଜାଲିନ୍‌ଙ୍କ ବଡ ଭଉଣୀ ଓ ଭାଇ ଗତ ୩୦ ତାରିଖରେ ପଶିଥିଲେ। ସେଠାରେ ୨ଜଣ ଅନ୍ତେବାସୀ, ହଷ୍ଟେଲ ୱାର୍ଡେନ ଓ ୱାଚ୍‌ମ୍ୟାନଙ୍କୁ ମାଡ଼ମାରି ବିଭିନ୍ନ ଧମକ ଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ଗିରଫ ଦାବିରେ ଶନିବାର ଶତାଧିକ ଛାତ୍ରୀଛାତ୍ର କଲେଜ ଫାଟରେ ତାଲା ପକାଇ ଧାରଣାରେ ବସିଥିଲେ। ଆନ୍ଦୋଳନସ୍ଥଳରେ କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ୍, ଆଇଆଇସି ଶଙ୍କର୍ଷଣ ଦଲେଇ, ଏସ୍‌ଡିପିଓ ଦେବାଶିଷ୍ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଦୋଷୀ ଓ ଗଣ୍ଡଗୋଳକାରୀ ଭଉଣୀ ଭାଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ, ଆଇଆଇସି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

ସୂଚନା ମୁତାବକ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। କୌଣସି ଏକ ଘଟଣାକୁ ନେଇ ଛାତ୍ରୀଙ୍କ ବଡ଼ ଭଉଣୀ ଓ ଭାଇ ତାଙ୍କୁ ଦେଖା କରିବାକୁ ହଷ୍ଟେଲ ମଧ୍ୟରେ ଜୋରଜବରଦସ୍ତ ପଶିଥିଲେ। ଏନେଇ ହଷ୍ଟେଲ ୱାଡେନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେ ଦୁହିଁଙ୍କ ନାମରେ ଏକ ମାମଲା (ନଂ.୩୬୩/୨୨) ରୁଜୁ କରିଛି।

# ଠିକା ନିଯୁକ୍ତି ଉଚ୍ଛେଦ କରିବାକୁ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଦାବି

ଭୁବନେଶ୍ୱର, ୫।୧୧ (ବ୍ୟୁରୋ):

ରାଜ୍ୟ ସରକାର ସମସ୍ତ ବର୍ଗର କର୍ମଚାରୀଙ୍କ ଠିକା ନିଯୁକ୍ତି ଉଚ୍ଛେଦ କରିଛନ୍ତି। ଠିକା ନିଯୁକ୍ତ ସମୟକୁ ମୂଳ ଚାକିରିରେ ଗଣନା କରିବା ପାଇଁ ଘୋଷଣା କରିଥିଲେ ମଧ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଉକ୍ତ ନିୟମରୁ ଦୂରେଇ ରଖିଛନ୍ତି। ଏହାର ପ୍ରତିବାଦରେ ଶନିବାର ଶିକ୍ଷକ ଭବନରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ମହାସଚିବ ଅମିୟ କୁମାର ଦାଶ କ୍ଷୋଭ ପ୍ରକାଶ କରିବା ସହ ସରକାର ତୁରନ୍ତ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ମାନିନିଅନ୍ତୁ ବୋଲି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ଲକସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସଂଘର ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ଅଜୟ କୁମାର ଧଳ, ଉମେଶ ଚନ୍ଦ୍ର ନାୟକ, ଡା. ଦେବେନ୍ଦ୍ର ନାୟକ, ରୂପେଶ ସାହୁ, ଦୁର୍ଯ୍ୟୋଧନ ଦାସ, ମକର କେତନ ସାହୁ, ଅକ୍ଷୟ ପୃଷ୍ଟି, ଅର୍ଚ୍ଚନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛେଦକୁ ତୀବ୍ର ବିରୋଧ, ଫେରିଆସିଲା ଟିମ୍

ଭୁବନେଶ୍ୱର, ୫।୧୧(ବ୍ୟୁରୋ):

ଧଉଳି ଥାନା ଅନ୍ତର୍ଗତ ଏନ୍‌ଏଚ୍-୨୦୩ଠାରୁ ଲିଙ୍ଗିପୁର ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ଜବରଦଖଲକୁ ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟି ପ୍ରୋଗ୍ରାମ ଅଧୀନରେ ଶନିବାର ବିଡିଏ ପକ୍ଷରୁ ହୋଇଥିବା ଉଚ୍ଛେଦକୁ ସ୍ଥାନୀୟ ବ୍ୟବସାୟୀ ଜୋର୍‌ଦାର ବିରୋଧ କରିଛନ୍ତି। ବ୍ୟବସାୟୀଙ୍କ ସହ ବିନା ଆଲୋଚନାରେ ଉଚ୍ଛେଦ କରାଯାଉଥିବାରୁ ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ମଧ ଉଚ୍ଛେଦ ସ୍ଥାନରେ ପହଞ୍ଚି ବିରୋଧ କରିଥିଲେ। ବ୍ୟବସାୟୀମାନଙ୍କ କହିବା କଥା, ସେମାନେ ସମ୍ପୃକ୍ତ ସ୍ଥାନ ଖାଲି କରିବାକୁ ରାଜି ଅଛନ୍ତି। ଆଲୋଚନା ନକରି ଦୋକାନ ଉଚ୍ଛେଦ କଲେ ସେମାନେ ବେସାହାରା ହୋଇପଡିବେ। ଦୀର୍ଘ ବର୍ଷ ହେବ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ବିଡିଏ ପକ୍ଷରୁ ଶୁକ୍ରବାର ମାଇକ୍ ଜରିଆରେ ଘୋଷଣା କରି ଶନିବାର ଉଚ୍ଛେଦ କରିବାକୁ ଟିମ୍ ପହଞ୍ଚିଥିଲା। ତୀବ୍ର ବିରୋଧର ସମ୍ମୁଖୀନ ହେବାରୁ ଉଚ୍ଛେଦ ବନ୍ଦ ରଖାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଧଉଳି ଥାନା ଏସ୍‌ଆଇ ସନ୍ତୋଷ କୁମାର ବଳ, ଜେଇ ରଶ୍ମି ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# ଆଇଆଇଆଇଟି ଅଧ୍ୟାପକ ସଂଘର ଚାରା ରୋପଣ

ଭୁବନେଶ୍ୱର, ୫।୧୧ (ବ୍ୟୁରୋ)

ଆଇଆଇଆଇଟି ଭୁବନେଶ୍ୱର ଅଧ୍ୟାପକ ସଂଘ ପକ୍ଷରୁ କ୍ୟାମ୍ପସ ପରିସରରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ଆମର ଏପରି ଏକ ବନ୍ଧୁ, ଯିଏ ଆମର ବାତାବରଣକୁ ସର୍ବଦା ସୁସ୍ଥ, ସତେଜ, ସବୁଜ, ଶାନ୍ତ ଆଦି ସକରାତ୍ମକ କରି ଗଢ଼ିତୋଳେ। ବୃକ୍ଷର ଏହି ଚିରନ୍ତନ ପ୍ରୟାସକୁ ସମ୍ମାନ ଜଣାଇ ଏହି କାର୍ଯ୍ୟକ୍ରମ କରାଯାଇଥିବା ସଂଘର ସଭାପତି ପ୍ରଫେସର ବିଶ୍ୱଜିତ୍ ପ୍ରଧାନ ସୂଚନା ଦେଇଛନ୍ତି। ଅନୁଷ୍ଠାନର ସଞ୍ଚାଳକ ମଣ୍ଡଳୀର ସଭ୍ୟବୃନ୍ଦ ଯୋଗଦେଇ ଅନେକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସଭାପତି, ସମ୍ପାଦକ ପ୍ରଫେସର ସଞ୍ଜୀବ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାନଲକ୍ଷ୍ମୀ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୫।୧୧ (ବ୍ୟୁରୋ):

ଆଇସିସି ମହିଳା ଉଦ୍ୟୋଗୀ ପରିଷଦ, ଜୟ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ ସହଯୋଗରେ ଭୁବନେଶ୍ୱରର ନାଗରିକଙ୍କ ପାଇଁ ଘରୋଇ ସାମଗ୍ରୀ ଦାନ କରିବା ପାଇଁ 'ଦାନ ଲକ୍ଷ୍ମୀ' ନାମକ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରାଯାଇଛି। ଭୁବନେଶ୍ୱର କ୍ଲବରେ ଏହାର ଉଦ୍‌ଘାଟନୀ ଅବସରରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ଜେଲ୍ ଡିଜି ମନୋଜ କୁମାର ଛାବ୍ରା, ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ, ଆଇସିସି ମହିଳା ଉଦ୍ୟୋଗୀ ପରିଷଦ ଆବାହକ ସୁକୀର୍ତ୍ତି ପଟ୍ଟନାୟକ,ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଏହି ନିଆରା ଉଦ୍ୟମକୁ ପ୍ରଶଂସା କରିଥିଲେ। ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ୩୦ରୁ ଅଧିକ ପରିବାରକୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିରେ ପିଲାମାନଙ୍କ ପୋଷାକ, ଘରୋଇ ଜିନିଷ ଏବଂ ଖେଳନା ଅନ୍ତର୍ଭୁକ୍ତ। ଆସନ୍ତା ୧୫ ଦିନ ପାଇଁ 'ଦାନଲକ୍ଷ୍ମୀ' ସଂଗ୍ରହ ଡ୍ରାଇଭ୍ ଜାରି ରଖିବାକୁ ଆୟୋଜକ ସ୍ଥିର କରିଛନ୍ତି। ଏହି ସମୟ ମଧ୍ୟରେ ଆୟୋଜକମାନେ ଜୟ ଓଡ଼ିଶାର ସ୍ୱେଚ୍ଛାସେବୀମାନଙ୍କ ସହିତ ଦାତାମାନଙ୍କ ଠାରୁ ଘରୋଇ ସାମଗ୍ରୀ ସଂଗ୍ରହ କରିବେ।


ଉଦଘାଟନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ସାମଗ୍ରୀ ପ୍ରଦାନ କରାଯାଉଛି।

# ବାଲିଯାତ୍ରାରେ ଟ୍ରାଫିକ କଟକଣା: ୭ପାର୍କିଂ ସ୍ଥଳରେ ରହିବ ଯାନ

କଟକ ଅଫିସ,୫।୧୧:

ଚଳିତବର୍ଷ କଟକ ବାଲିଯାତ୍ରାରେ ଯାନବାହନ ରଖିବା ପାଇଁ ୭ଟି ପାର୍କିଂସ୍ଥଳ କରାଯାଇଛି। ସେଗୁଡ଼ିକ ହେଲା ଭୁଆସୁଣୀ ପଡ଼ିଆ, ଆନନ୍ଦଭବନ ପାଖ ଖ୍ରୀଷ୍ଟିୟାନ ପଡ଼ିଆ, ଦୟାଶ୍ରମ ସାମ୍ନା ପଡ଼ିଆ, କାର୍ତ୍ତିକେଶ୍ୱରଗଡ଼ାର ବାମପଟ ପଡ଼ିଆ ଓ ପଶ୍ଚିମପଟ ପଡ଼ିଆ, ମୁଖ୍ୟ ବିଚାରପତିଙ୍କ ବାସଭବନ ସାମ୍ନା ମୁଣ୍ଡାସାହି ପଡ଼ିଆ ଓ ଗୋରାକବର ପଡ଼ିଆ। ବାଲିଯାତ୍ରା ବୁଲିବା ପାଇଁ ଆସିବାକୁ ଥିବା ଲୋକମାନେ ଉପରୋକ୍ତ ପାର୍କିଂସ୍ଥଳରେ ଗାଡି ରଖି ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ଏଥିସହ କମିଶନ୍‌ରେଟ୍ ପୋଲିସ ଦ୍ୱାରା ନିର୍ଦ୍ଧାରିତ ଟ୍ରାଫିକ କଟକଣା ଅପରାହ୍ନ ୩ଟାରୁ ଭିଡ଼ ଭାଙ୍ଗିବା ଯାଏ ବଳବତ୍ତର ରହିବ। ହେଲେ ପୋଲିସ, ଫାୟାର ବ୍ରିଗେଡ, ଏକ୍ସାଇଜ ଓ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ପାଇଁ କଟକଣା ଲାଗୁ ହେବ ନାହିଁ।

ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୨୮ ଓ କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ଟ୍ରାଫିକ ଏବଂ ପବ୍ଲିକ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ ଆସନ୍ତା ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବାଲିଯାତ୍ରା ଉତ୍ସବ ନିମନ୍ତେ ଟ୍ରାଫିକ କଟକଣା ଜାରି କରାଯାଇଛି। ସତୀଚୌରା ଛକରୁ ୩/୪ ଚକିଆ ଗାଡ଼ି ସେଲଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଗାଡି ଚାଳକ ବିଡ଼ାନାସୀ ବନ୍ଧ ଛକ ଦେଇ ଚହଟା ଛକରୁ ବାମକୁ ଯାଇ ଭୁଆଶୁଣି ପଡ଼ିଆରେ ପାର୍କିଂ କରିବେ। ସେଠାରୁ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପର୍ଯ୍ୟନ୍ତ ଆସିପାରିବେ। ସତୀଚୌରା ଛକରୁ ୨/୩ ଚକିଆ ଗାଡ଼ି ସେଲଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆରେ ନିର୍ଦ୍ଧାରିତ ହୋଇଥିବା ପାର୍କିଂସ୍ଥଳ ଦୟାଶ୍ରମ ସାମ୍ନା ପଡ଼ିଆ କିମ୍ବା କାର୍ତ୍ତିକେଶ୍ୱର ଗଡ଼ାର ବାମପଟ ପଡ଼ିଆରେ ଗାଡ଼ି ପାର୍କିଂ କରିବ। ଚହଟା ଛକରୁ ୩/୪ ଚକିଆ ଗାଡ଼ି ସିଧାସଳଖ ହରିଣ ପାର୍କ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଗାଡି ଚାଳକ ଚହଟା ଛକରୁ ବାମକୁ ଯାଇ ଭୁଆସୁଣୀ ପଡ଼ିଆରେ ପାର୍କିଂ କରି ସେଠାରୁ ପ୍ରଶାସନର ଗାଡ଼ିରେ ବାଲିଯାତ୍ରା ପଡ଼ିଆ ଆସିବେ। ମଧୁସୂଦନ ସେତୁ ଆଡ଼କୁ ଆସୁଥିବା ୩/୪ ଚକିଆ ଗାଡ଼ି ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବ। ସେଠାରୁ ଚାଳକମାନେ ପ୍ରଶାସନର ଗାଡ଼ିରେ ବାଲିଯାତ୍ରା ଆସିବେ। ଭୁଆସୁଣି ପଡ଼ିଆ ଓ ଚହଟା ପାଖରୁ ୨ ଚକିଆ ଗାଡ଼ି ହରିଣ ପାର୍କ ପର୍ଯ୍ୟନ୍ତ ଆସି କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂରେ ରହିବ।


ବାଲିଯାତ୍ରା ପଡ଼ିଆରେ ସଂଯୋଗ କରାଯାଉଥିବା ଦୋଳି ।

ହରିଣ ପାର୍କ ଛକରୁ ୩/୪ ଚକିଆ ଗାଡ଼ି ସିଧାସଳଖ ବାଲିଯାତ୍ରା ପଡ଼ିଆକୁ ଯାଇପାରିବ ନାହିଁ। ସେଗୁଡ଼ିକ ସେଠାରୁ ଡାହାଣକୁ ଯାଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ବିଜୁ ପଟ୍ଟନାୟକ ଛକଠାରୁ ୩/୪ ଚକିଆ ଗାଡ଼ି ଦୟାଶ୍ରମ ରାସ୍ତାରେ ସିଧାସଳଖ ବାଲିଯାତ୍ରା ଆଡ଼କୁ ଯାଇପାରିବ ନାହିଁ। ସେଗୁଡିକ ପାଖରେ ଥିବା ଖ୍ରୀଷ୍ଟିୟାନ ପଡ଼ିଆରେ ପାର୍କିଂ କରିବ। କନିକା ଛକଠାରୁ ୩/୪ ଚକିଆ ଗାଡ଼ି ସିଧା ଚଣ୍ଡିଛକ ଦେଇ ବାଲିଯାତ୍ରା ପଡିଆକୁ ଯାଇପାରିବ ନାହିଁ। ସେଗୁଡିକ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ଚଣ୍ଡିଛକଠାରୁ ୩/୪ ଚକିଆ ଗାଡ଼ି ସିଧା କନଭେଣ୍ଟ ସ୍କୁଲ ଛକ ଦେଇ ବାଲିଯାତ୍ରା ଆଡ଼କୁ ଯିବ ନାହିଁ। ସେଗୁଡିକ କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିୟାନ ପଡ଼ିଆରେ ପାର୍କିଂ କରିବ। କିନ୍ତୁ ଏହି ଛକରୁ ୨ ଚକିଆ ଗାଡ଼ି କନଭେଣ୍ଟ ସ୍କୁଲ ଓ ପିଏଚ୍‌ଡି ଅଫିସ ଦେଇ ଦୟାଶ୍ରମ ସାମ୍ନାରେ ପାର୍କିଂ କରିବ। ବକ୍ସିବଜାରରୁ ନାରୀ ସେବାସଦନ ରାସ୍ତାରେ ୩/୪ ଚକିଆ ଗାଡ଼ି ନ ଯାଇ ମିଶନ ରୋଡ୍‌ରେ ଯାଇ ଚଣ୍ଡିଛକ ଦେଇ ଖ୍ରୀଷ୍ଟିୟାନ ପଡ଼ିଆରେ ପାର୍କିଂ କରିବ। ବକ୍ସିବଜାର ଫାୟାର ଷ୍ଟେଶନ ଛକଠାରୁ ୩/୪ ଚକିଆ ଗାଡ଼ି ରିଜର୍ଭ ପୋଲିସ ଲାଇନ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଯୋବ୍ରା ଓ ମାତାମଠ ପଟୁ ଆସୁଥିବା ଗାଡ଼ି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଭବନ ପାଖରୁ ଡାହାଣ ପଟ ଗଡ଼ାରେ ଯାଇ ତଳ ବାଲିଯାତ୍ରା ପଡ଼ିଆ ପାଖରେ ଥିବା ଷ୍ଟାଣ୍ଡରେ ପାର୍କିଂ କରିବ। ହାୱଡ଼ା ମୋଟର ଛକ ଓ ମସ୍ତାନ ଦରଗା ଆଡୁ ଆସୁଥିବା ଗାଡ଼ି ହୋଟେଲ ଗ୍ରୀନ୍‌ର ଛକଠାରୁ ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବ ନାହିଁ। କୌଣସି ଗାଡ଼ି ଲାୟନ୍ସ ଆଇ ହସ୍ପିଟାଲ ଛକଠାରୁ ଷ୍ଟାଡିୟମ ପଛପଟ ଦେଇ ଓ ମଧୁସୂଦନ ଷ୍ଟାଚ୍ୟୁ ଛକଠାରୁ ବାଲିଯାତ୍ରାକୁ ଯାଇପାରିବ ନାହିଁ। ସେହିପରି କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂସ୍ଥଳରୁ ଗାଡ଼ିଗୁଡ଼ିକ ବାହାରି କେବଳ କ୍ୟାଣ୍ଟନମେଣ୍ଟ ଥାନା ଆଡ଼କୁ ଯାଇପାରିବ।

## ସଂକ୍ଷେପରେ

### ଉଦ୍ଧାର ଝିଙ୍କ ନନ୍ଦନକାନନକୁ ଆସିଲା



ବାରଙ୍ଗ,୫।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଶନିବାର ଉଦ୍ଧାର ହୋଇଥିବା ଏକ ଝିଙ୍କ ଆସିଛି। ଝିଙ୍କଟି ବାରଙ୍ଗ ତ୍ରିଶୂଳିଆ ଗାଁର ଜଣଙ୍କ ବାଡିରେ ବୁଲୁଥିବାର ଦେଖି ପରିବାରଲୋକେ ଝିଙ୍କକୁ ଆବଦ୍ଧ ରଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ ଆସି ଝିଙ୍କକୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲେ। ନନ୍ଦନକାନନକୁ ଆସିବାପରେ ଝିଙ୍କଟିର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ଚିକିତ୍ସାଳୟର କ୍ୱାରାଣ୍ଟାଇନରେ ଡାକ୍ତରମାନଙ୍କ ନଜରବନ୍ଦୀରେ ରଖାଯାଇଛି।

### ନିର୍ମାଣାଧୀନ କୋଠାରୁ ପଡ଼ି ରାଜମିସ୍ତ୍ରି ମୃତ

ବାରଙ୍ଗ,୫।୧୧(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅର୍ନ୍ତଗତ ରଘୁନାଥପୁର ଗାଁ ନିକଟରେ ନିର୍ମାଣାଧୀନ ଏକ କୋଠାରୁ ପଡ଼ି ଶନିବାର ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲାର ରାଉତରାୟ ଗ୍ରାମର ମନୋଜ ବିନ୍ଧାଣି(୫୨)। ମନୋଜଙ୍କ ପୁଅଙ୍କ ଅଭିଯୋଗକ୍ରମେ ପୋଲିସ ମୃତଦେହ ଜବତ କରିବା ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୋଗ ଅନୁଯାୟୀ, ମନୋଜ ଶନିବାର ସକାଳେ ରଘୁନାଥପୁର ଅଞ୍ଚଳରେ ଏକ କୋଠା କାମ କରୁଥିଲେ। ହେଲେ କାମ କରୁଥିବାବେଳେ ହଠାତ୍ ଛାତରୁ ଖସି ତଳେ ପଡ଼ିଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପୁଅ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ୬ ବେଆଇନ ମୋରମ, ବାଲି ଗାଡ଼ି ଜବତ

ବାରଙ୍ଗ,୫।୧୧(ଡି.ଏନ୍.ଏ.): ବାରଙ୍ଗ ତହସିଲ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ତ୍ରିଶୂଳିଆ ଛକ ପାଖରେ ତହସିଲ ପକ୍ଷରୁ ଚଢ଼ାଉ କରି ବେଆଇନ ମୋରମ ନେଇ ଆସୁଥିବା ୩ଟି ହାଇୱାକୁ ଜବତ କରାଯାଇଛି। ସେହିଭଳି ନନ୍ଦନକାନନ ଥାନା ପାଖରେ ବାଲିପଡା ରାଜସ୍ୱ ନିରୀକ୍ଷକ ଅମରେନ୍ଦ୍ର ମହାରଥୀ ଓ କଲ୍ୟାଣପୁର ରାଜସ୍ୱ ନିରୀକ୍ଷକ ସୌଭାଗ୍ୟ ଶତପଥୀଙ୍କ ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇ ବେଆଇନ ଭାବେ ଆସୁଥିବା ୩ଟି ବାଲିଗାଡିକୁ ମଧ୍ୟ ଜବତ କରାଯାଇଛି। ତେବେ ଲଘୁଖଣିଜ ପଦାର୍ଥର ଚୋରା ଚାଲାଣ ନିମନ୍ତେ ବାରଙ୍ଗ ଅଞ୍ଚଳ ପେଣ୍ଠସ୍ଥଳ ପାଲଟିଥିବାବେଳେ ବେଆଇନ ଭାବେ ଖୋଳାଯାଉଥିବା ସ୍ଥାନ ଉପରେ ଚଢ଼ାଉ ନ କରିବାରୁ ଚୋରାଚାଲଣ ସଂଖ୍ୟା ବୃଦ୍ଧି ପାଉଥିବାର ଅଭିଯୋଗ ହେଉଛି।

# ସ୍ମାର୍ଟସିଟି ରାସ୍ତା ପାଲଟିଛି ଗୋରୁ ଗୋଠ

■ସହରରେ ବଢ଼ୁଛି ବୁଲା ଗୋରୁଙ୍କ ସଂଖ୍ୟା

■ଖାଲି ପଡ଼ିଛି ବିଏମ୍‌ସିର କାଞ୍ଜିଆହୁଦା

ଭୁବନେଶ୍ୱର,୫।୧୧(ବ୍ୟୁରୋ)



ସ୍ମାର୍ଟସିଟି ଭୁବନେଶ୍ୱରକୁ ଏକ ମଡେଲ ସିଟିରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବିଭିନ୍ନ ଯୋଜନା ଆରମ୍ଭ କରାଯାଉଛି। ତେବେ ଅଧିକାଂଶ ଯୋଜନା କାର୍ଯ୍ୟକାରୀ ହେବାର କେଇଟା ଦିନରେ ବାଟବଣା ହୋଇଯାଉଛି। ସହର ରାସ୍ତାକୁ ବୁଲା ଗୋରୁମୁକ୍ତ କରିବାକୁ ବିଏମ୍‌ସି ପଦକ୍ଷେପ ନେଉଥିବା କହୁଛି। ହେଲେ ନିୟମିତ ବୁଲା ଗୋରୁଙ୍କୁ ଉଦ୍ଧାର କରି କାଞ୍ଜିଆହୁଦା ଓ ଗୋଶାଳାରେ ରଖିବା ପ୍ରକ୍ରିୟା ଶିଥିଳ ହୋଇପଡ଼ିଥିବାରୁ ରାଜଧାନୀରେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରରେ ହଜାର ହଜାର ସଂଖ୍ୟାରେ ଗୋରୁ ବିଚରଣ କରୁଥିବାବେଳେ ମାତ୍ର ଗୋଟିଏ ଗୋଶାଳା ଖୋଲି ହାତବାନ୍ଧି ବସିଛି ବିଏମ୍‌ସି। ଦ୍ୱିତୀୟ ଗୋଶାଳା ପାଇଁ ଯୋଜନା କରାଯାଉଥିବା ବାରମ୍ବାର ସୂଚନା ଦିଆଯାଉଥିଲେ ମଧ୍ୟ ଏଯାଏ ସ୍ଥାନ ଚିହ୍ନଟ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଫଳରେ ବୁଲା ଗୋରୁ ଓ ଷଣ୍ଢ ରାସ୍ତାରେ ବିଚରଣ କରିବା ସହ ଶୋଇ ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ଏଥିସହ ଦୁର୍ଘଟଣାର କାରଣ ସାଜୁଛନ୍ତି। ଦିନଠାରୁ ରାତିର ସ୍ଥିତିକୁ ଦେଖିଲେ ସତେଯେମିତି ସ୍ମାର୍ଟସିଟି ରାସ୍ତା ଗୋରୁଗୋଠ ପାଲଟିଥିବା ପରି ମନେ ହେଉଛି। ବିଶେଷକରି ନୟାପଲ୍ଲୀ, ଏକ ନମ୍ବର ହାଟ, ନନ୍ଦନକାନନ ରାସ୍ତା, ରସୁଲଗଡ଼, ପୁରୁଣା ଭୁବନେଶ୍ୱର ସମେତ ବିଭିନ୍ନ ହାଟ ଅଞ୍ଚଳରେ ଗୋରୁପଲ ଦେଖିବାକୁ ମିଳୁଛି। ନିକଟ ହାଟବଜାରରୁ ପରିବାପତ୍ର ଓ ହୋଟେଲର ବଳକା ଖାଦ୍ୟ ଖାଇବାକୁ ଭିଡ଼ ଲଗାଉଛନ୍ତି। ସେହିଭଳି ବିଏମ୍‌ସି ଅଳିଆ ଗଦାରୁ ଖାଦ୍ୟ ସଂଗ୍ରହବେଳେ ଅଳିଆକୁ ଚାରିଆଡେ ଖେଳାଇ ପକାଉନ୍ତି। ବୁଲି ବୁଲି ଖାଇବା ସହ ଏକାଠି ହୋଇ ରାସ୍ତା ଉପରେ ଶୋଇ ରହୁଛନ୍ତି। ଏଥିସହ ପଲିଥିନ ଓ ଅଖାଦ୍ୟ ଖାଇ ରୋଗଗ୍ରସ୍ତ ହୋଇପଡୁଛନ୍ତି ଏହି ନିରୀହ ପ୍ରାଣୀ। ଚିକିତ୍ସା ଅଭାବରୁ ଅନେକ ସମୟରେ ସେମାନଙ୍କର ମୃତ୍ୟୁ ହେଉଥିବା ମଧ୍ୟ ନଜିର ରହିଛି। ଏହାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

**ଖାଲି ପଡ଼ିଛି କାଞ୍ଜିଆହୁଦା**

ଖାରବେଳନଗରରେ ବିଏମ୍‌ସି ପକ୍ଷରୁ ଏକ କାଞ୍ଜିଆହୁଦା ରହିଛି। କର୍ମଚାରୀ ନିଯୁକ୍ତି ପାଇଛନ୍ତି ଓ ପରିଚାଳନା ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ପୂର୍ବରୁ ବୁଲା ଗୋରୁଙ୍କୁ କାବୁ କରି ଏଠାରେ ରଖାଯାଉଥିଲା। ଗୋରୁଙ୍କୁ ଚିହ୍ନଟ ପୂର୍ବକ କାନରେ ସ୍ୱତନ୍ତ୍ର ଟ୍ୟାଗ୍ ସହ ନମ୍ବର ଲଗାଯାଉଥିଲା। ଗୋରୁ ମାଲିକଙ୍କ ନାମ, ଠିକଣା ଓ ଫୋନ୍ ନମ୍ବର ରହିଥାଏ। ମାଲିକ ଆସି ଟ୍ୟାଗ୍ ଦେଖି ନିଜ ଗୋରୁଙ୍କୁ ଜରିମାନା ଦେଇ ନେଇଯାଉଥିଲେ। କାଞ୍ଜିଆହୁଦା ଖୋଲିବାର କିଛି ବର୍ଷ ପର୍ଯ୍ୟନ୍ତ ଏସବୁ କାର୍ଯ୍ୟ ଚାଲିଥିଲା। ଶହୀଦନଗରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିଚାଳନା କରୁଥିଲା। ବର୍ତ୍ତମାନ ଏହି କାଞ୍ଜିଆହୁଦା ଖାଲି ପଡିଛି। ଏଠାରେ କୌଣସି ବୁଲାଗୋରୁଙ୍କୁ ରଖାଯାଉନାହିଁ।

**ଗୋଶାଳାରୁ ଉଦ୍ଧାର ଗୋରୁଙ୍କୁ ଛାଡ଼ି ଦିଆଯାଉଛି**

ଏବେ ବୁଲା ଗୋରୁଙ୍କୁ ଉଦ୍ଧାର ପରେ ଜାମୁକୋଳିସ୍ଥିତ ଗୋଶାଳାରେ ରଖାଯାଉଛି। ହେଲେ କିଛିଦିନ ସେଠାରେ ରଖାଯିବାପରେ ଗୋରୁମାନଙ୍କୁ ପୁଣି ଛାଡ଼ି ଦିଆଯାଉଥିବା ଭଳି ଅଭିଯୋଗ ଉଠୁଛି। ତେବେ ବିଏମ୍‌ସି କର୍ତ୍ତୃପକ୍ଷ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉଦ୍ଧାର ହେଉଥିବା ଗୋରୁ ବା ଷଣ୍ଢଙ୍କୁ ସେମାନଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଗୋଶାଳାରେ ରଖାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ତେବେ ଗୋଶାଳାର କ୍ଷମତା ମାତ୍ର ୨୫୩ ରହିଥିବାବେଳେ ହଜାର ହଜାର ସଂଖ୍ୟାରେ ଗୋରୁ ରାଜଧାନୀରେ ବୁଲୁଛନ୍ତି। ତେଣୁ ଅଧିକ ଗୋଶାଳା ଖୋଲାଯିବା ସହ ଗୋରୁ ଉଦ୍ଧାର ଓ ଚିହ୍ନଟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।



**କାର୍ଯ୍ୟାନୁଷ୍ଠାନ, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ**



କାଞ୍ଜିଆହୁଦା ଓ ଗୋଶାଳା ଖୋଲିଥିବା ବିଏମ୍‌ସି କହୁଛି। କିନ୍ତୁ ପୂର୍ବଭଳି ରାସ୍ତାରେ ଗୋରୁ ଓ ଷଣ୍ଢ ସେମିତି ବୁଲୁଛନ୍ତି। ଏମାନଙ୍କ ପାଇଁ ଦୁର୍ଘଟଣାରେ ଅନେକ ମୃତାହତ ହେଉଛନ୍ତି। ଅନେକ ସମୟରେ ଲୋକେ ଷଣ୍ଢ ଆକ୍ରମଣର ଶିକାର ହେଉଛନ୍ତି। ରାସ୍ତାରୁ ଗୋରୁ ହଟାଇବାକୁ ବିଏମ୍‌ସିର ଆନ୍ତରିକତା ନ ଥିବା ଭଳି ମନେହେଉଛି। ଖାଲି ନିୟମ କରିଦେଲେ ହେବ ନାହିଁ ଏହାର ଅନୁପାଳନ କରାଯିବା ଆବଶ୍ୟକ। ବାହାରେ ଗୋରୁ ଛାଡୁଥିବା ମାଲିକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଉଦ୍ଧାର କାର୍ଯ୍ୟ ପାଇଁ ଅଧିକ ତତ୍ପରତା ଦେଖାଇବା ଉଚିତ୍।

– ସବ୍ୟସାଚୀ ପଣ୍ଡା, ସହରବାସୀ

**ନିଷ୍ଠୁରତା ବଢ଼ୁଛି, ପ୍ରଶାସନ ସୁରକ୍ଷା ଦେଉ**



ମାଲିକମାନେ ନିଷ୍ଠୁର ହୋଇ ପାଳିଥିବା ଗୋରୁଙ୍କୁ ରାସ୍ତାରେ ଛାଡ଼ିଦେଉଛନ୍ତି। ପଲିଥିନ ଜରି ଖାଇ ନିରୀହ ପ୍ରାଣୀମାନେ ଯନ୍ତ୍ରଣାରେ ଛଟପଟ ହୋଇ ଶେଷରେ ଆଖି ବୁଜୁଛନ୍ତି। ଦୁର୍ଘଟଣାରେ ମଧ୍ୟ ଆହତ ହେଉଛନ୍ତି। ଆଉକିଛି ନିଷ୍ଠୁର ଲୋକ ଏମାନଙ୍କ ଉପରକୁ ଗରମପାଣି, ପେଜ ଆଦି ପକାଇ ଦେଉଛନ୍ତି ତ କିଏ କିଏ ମାଡ଼ ମାରୁଛନ୍ତି। ଏପରି ସ୍ଥିତିରେ ପ୍ରଶାସନ ଏହି ଜୀବମାନଙ୍କୁ ସୁରକ୍ଷା ଦେବା ଉଚିତ୍।

- ପ୍ରଭାସ ଚନ୍ଦ୍ର ନନ୍ଦ, ପଶୁପ୍ରେମୀ

**ଅନୁପ୍ରବେଶ ଯୋଗୁ ଗୋରୁ ସଂଖ୍ୟା ବଢ଼ୁଛି**

“ବିଏମ୍‌ସି ପକ୍ଷରୁ ନିୟମିତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନଖରା ଓ ରଘୁନାଥପୁର ଆଦି ଅଞ୍ଚଳରୁ ବୁଲା ଗୋରୁଙ୍କ ଅନୁପ୍ରବେଶ ଫଳରେ ସହରରେ ଏମାନଙ୍କ ସଂଖ୍ୟା ବଢୁଛି। ଉଦ୍ଧାର ହୋଇଥିବା ପଶୁଙ୍କର କେହି ଦାବିଦାର ନ ଆସିଲେ ମୃତ୍ୟୁ ପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ ଖାଦ୍ୟ ପାନୀୟ ଦେଇ ଜାମୁକୋଳିସ୍ଥିତ ଗୋଶାଳାରେ ରଖାଯାଉଛି। ଆବଶ୍ୟକସ୍ଥଳେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ନୂଆ ଏଜେନ୍ସି ନିଯୁକ୍ତି ପ୍ରକ୍ରିୟା ସରିଛି। ଖୁବଶୀଘ୍ର ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

- ରମେଶ ଚନ୍ଦ୍ର ଜେନା, ଡେପୁଟି କମିଶନର (ୱେଲ୍‌ଫେୟାର), ବିଏମ୍‌ସି।

# ବ୍ଲକ କାର୍ଯ୍ୟାଳୟ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ




ବାଲିପାଟଣା,୫।୧୧(ଡି.ଏନ୍.ଏ.)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶନିବାର ବାଲିପାଟଣା ବ୍ଲକ ସମ୍ମୁଖରେ ବିଭିନ୍ନ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଭାମଞ୍ଜୁଳା ବ୍ରହ୍ମାଙ୍କ ନେତୃତ୍ୱରେ ଏକାଧିକ କାର୍ମୀ ବାଲିପାଟଣା ମେଳଣ ପଡିଆରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବାଲିପାଟଣା ଅଞ୍ଚଳରେ ମଦ ଦୋକାନ ନ ଖୋଲିବା, ବାଲିପାଟଣାକୁ ମୋ'ବସ ଚଳାଚଳ, ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ପଦବୀ ପୂରଣ, ବନ୍ଦ ସରକାରୀ ସ୍କୁଲ ପୁନଃ ଖୋଲିବା ଆଦି ଦାବି ରହିଛି। ଏହି ବିକ୍ଷୋଭରେ ଖୋର୍ଦ୍ଧା ଜିଲା ସଙ୍ଗଠନ କର୍ମକର୍ତ୍ତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ସନ୍ତୋଷ ରଥ, ସ୍ୱସ୍ତି ସଙ୍ଗୀତା ଦଳାଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ହାତୀ ଗୋଡ଼ରୁ ଖୋଲିଲା ବେଡ଼ି

ବାରଙ୍ଗ,୫।୧୧(ଡି.ଏନ୍.ଏ.)

ଚନ୍ଦକା ଅଭୟାରଣ୍ୟର କୁମାରଖୁଣ୍ଟିରେ ବନ୍ଦୀଜୀବନ ବିତାଉଥିବା ହାତୀକୁ ଶନିବାର ବେଡ଼ିମୁକ୍ତ କରାଯାଇଛି। ସେହି ଅଞ୍ଚଳରେ ନିର୍ମିତ ୧୦ହେକ୍ଟର ପରିମିତ ମୁକ୍ତାଞ୍ଚଳରେ ହାତୀକୁ ଖୋଲାରେ ବିଚରଣ କରିବାର ସୁଯୋଗ ଦିଆଯାଇଛି। ଏବେ ହାତୀଟି ସୁସ୍ଥ ଥିବାବେଳେ ସ୍ୱାଭାବିକ ଭାବେ ଖାଦ୍ୟଗ୍ରହଣ କରିବାସହ ଚଳପ୍ରଚଳ କରୁଛି। ଟାଙ୍ଗୀ ବନାଞ୍ଚଳରୁ ହାତୀଟି ଏଠାକୁ ଆସି ଚନ୍ଦକା ବନାଞ୍ଚଳରେ ରହିବାପରେ ସେଭଳି ତା'ର କିଛି ପ୍ରତିକ୍ରିୟା ଦେଖାଯାଇ ନାହିଁ। ତା'ର ଦେଖାଶୁଣା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପ୍ରତି ହିଂସ୍ର ଆଚରଣ ମଧ୍ୟ ନାହିଁ। ତା' ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ହାତୀଟିସ୍ୱାଭାବିକ ଅବସ୍ଥାକୁ ଫେରିବାପରେ ଚନ୍ଦକା ଜଙ୍ଗଲରେ ଛଡାଯିବାର ନିଷ୍ପତ୍ତି ନିଆଯାଇପାରେ। ନିଗ୍ରେଜକ ପ୍ରଭାବରୁ ମୁକ୍ତ ହୋଇ ଧୀରେଧୀରେ ଠିକ୍ ହେଉଛି। ତା'ର ଦୈନିକ ଗତିବିଧିକୁ ଲକ୍ଷ୍ୟ କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଚନ୍ଦକା ରେଞ୍ଜର ଦୁର୍ଗାଚରଣ ସାହୁ କହିଛନ୍ତି।

# ଅର୍ଚ୍ଚନାଙ୍କ ଜାମିନ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

**ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲା**



ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି। କୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ଅଭିଯୋଗରେ ଅର୍ଚ୍ଚନାଙ୍କ ନାମରେ ନୟାପଲ୍ଲୀ ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ତେବେ ଖଣ୍ଡଗିରି ଥାନା ମାମଲାରେ ପୂର୍ବରୁ ଅର୍ଚ୍ଚନାଙ୍କ ଜାମିନକୁ କୋର୍ଟ ଖାରଜ କରିଦେଇଥିଲେ। ଗତ ୨୬ ତାରିଖରେ ଜାମିନ ଆବେଦନର ଶୁଣାଣି ସମୟରେ ଅର୍ଚ୍ଚନାଙ୍କୁ କୋର୍ଟରେ ହାଜର କରାଯାଇଥିଲେ ମଧ୍ୟ ଶନିବାର ଶୁଣାଣିବେଳେ ସେ ଜେଲରୁ ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହୋଇଥିଲେ। ତାଙ୍କ ଓକିଲଙ୍କ ଯୁକ୍ତି ଥିଲା, ଅର୍ଚ୍ଚନା ନିର୍ଦ୍ଦୋଷ। ତେଣୁ ତାଙ୍କୁ ଜାମିନ ଦିଆଯାଉ। ଅପରପକ୍ଷରେ ଅର୍ଚ୍ଚନାଙ୍କ ନାମରେ ସଙ୍ଗିନ ଦଫା ଲାଗିଥିବାରୁ ତାଙ୍କୁ ଜାମିନ ଦିଆ ନ ଯାଉ ବୋଲି ବିପକ୍ଷ ଓକିଲଙ୍କ ଯୁକ୍ତି ଥିଲା। ତେବେ କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଶୁଣାଣି ସାରି ରାୟ ସଂରକ୍ଷିତ ରଖିଥିଲେ। ଅନ୍ୟପକ୍ଷରେ ତାଙ୍କ ବେଆଇନ ଆର୍ଥିକ କାରବାର ସଂକ୍ରାନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲା ରୁଜୁ ତଦନ୍ତ ଚଳାଇଛି। ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ସମେତ ୪ଜଣଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲା ରୁଜୁ କରିଛି।

# ଡ୍ରେନେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ବାରଙ୍ଗ,୫।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ଅଧୀନ ରଘୁନାଥପୁର ଗାଁର ଏକ ବଡ଼ ସମସ୍ୟାର ସମାଧାନ ଉଦ୍ୟମ ଆରମ୍ଭ ହୋଇଛି। ବର୍ଷା ସମୟରେ ଗାଁର ପ୍ରବେଶ ପଥ ଏକପ୍ରକାର ଜଳବନ୍ଦୀ ସଦୃଶ ରହି ଯାତାୟାତରେ ବାଧକ ସାଜୁଥିଲା। ଗାଁରେ ଡ୍ରେନେଜର ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିଲା। ଏହାର ସମାଧାନ ପାଇଁ ଗ୍ରାମବାସୀ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ଦୈନନ୍ଦିନ ବ୍ୟବହାର ପାଣି ଓ ବର୍ଷାଜଳ ନିଷ୍କାସନ ପାଇଁ ଏକ ଡ୍ରେନେଜର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଶନିବାର ବିଧାୟକ ରାଉତଙ୍କ ଦ୍ୱାରା ହୋଇଛି। ୬୫ ଲକ୍ଷ ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ଡ୍ରେନେଜ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯିବ। ତେବେ ବିଧାୟକ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବାରୁ ଏକ ଖୁସିର ମାହୋଲ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର, ଦାଢା, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଜଣା ଆଦି ୫ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସହ ବିଜେଡିର ଆଞ୍ଚଳିକ ନେତାମାନେ ଯୋଗ ଦେଇଥିଲେ।



ଚଳିତବର୍ଷ ବାଲିଯାତ୍ରାରେ ୧୫ ମିନିଟ୍‌ରେ ୧୦,୦୦୦ କାଗଜ ଡଙ୍ଗା ପ୍ରସ୍ତୁତ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଲକ୍ଷ୍ୟ ରଖିଛି। ଏଥିପାଇଁ ଶନିବାର ସିଏମ୍‌ସି ବିଜୁ ଭବନରେ କର୍ପୋରେଟରମାନେ ଡଙ୍ଗା ତିଆରି ପ୍ରଶିକ୍ଷଣ ନେଉଛନ୍ତି।

# ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୫।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ସେଥିମଧ୍ୟରୁ ୱାର୍ଡ ନଂ.୫୧ ଅନ୍ତର୍ଗତ ସୌଭାଗ୍ୟନଗର ବ୍ୟାଙ୍କ୍ କଲୋନୀର ଦୁଇଟି ରାସ୍ତାର ଉନ୍ନତୀକରଣ ପାଇଁ ବିଏମ୍‌ସି ପକ୍ଷରୁ ପ୍ରାୟ ୨୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୬୪ ନଂ.ୱାର୍ଡର ପଞ୍ଚସଖା ନଗରରେ ୧.୧ କୋଟି ଟଙ୍କା ବିନିମୟରେ ୨ଟି ଡ୍ରେନ, ଡୁମୁଡୁମା ମିନି ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୧୫ ଲକ୍ଷ, ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ କଣ୍ଟାପଲି ନିକଟରେ ୮୭ ଲକ୍ଷ ଟଙ୍କାରେ ମୁଖ୍ୟ ନାଳ ନିର୍ମାଣ ପାଇଁ ପଣ୍ଡା ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ସକିବା ମୁସରତ, ଶ୍ରୀଧର ବେହେରା, ମୁଜାହିଦ୍ ହୁସେନ, ସ୍ଥାନୀୟ ଅଞ୍ଚଳବାସୀ ମଣିପୁର ପୂର୍ବତନ ଡିଜିପି ରତ୍ନାକର ବରାଳ, ଦୂରଦର୍ଶନର ପୂର୍ବତନ ଅଧିକାରୀ ଉମେଶ ମହାପାତ୍ର, ଅନନ୍ତ ପ୍ରସାଦ ଦାସ, ରବିନାରାୟଣ ଦାସ, ପ୍ରଭାକର ସିଂ, ସେଖ୍ ସବାକତ୍ ଅଲ୍ଲୀ, ହାଡିବନ୍ଧୁ ଦାସ, ରାଜେଶ ପାତ୍ର ଏବଂ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



ଏକାମ୍ର ନିର୍ବାଚନମଣ୍ଡଳୀରେ ଏକ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

# ଆଜିଠୁ 'ହିତଚିନ୍ତକ ଅଭିଯାନ'

ଭୁବନେଶ୍ୱର,୫।୧୧ (ବ୍ୟୁରୋ)

୨୦୨୪ରେ ବିଶ୍ୱ ହିନ୍ଦୁ ପରିଷଦ ସ୍ଥାପନାର ୬୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ନଭେମ୍ବର ୬ରୁ ୨୦ ପର୍ଯ୍ୟନ୍ତ ଦେଶବ୍ୟାପୀ 'ହିତଚିନ୍ତକ ଅଭିଯାନ' ଅନୁଷ୍ଠିତ ହେବ। ଏନେଇ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯାନ ମାଧ୍ୟମରେ ସମାଜର ପ୍ରତ୍ୟେକ ଜାତି, ମତ ଓ ସମ୍ପ୍ରଦାୟକୁ ସମ୍ପର୍କ କରି ସେମାନଙ୍କୁ ସମୃଦ୍ଧ ହିନ୍ଦୁ ସମାଜ ନିର୍ମାଣ ଓ ରାଷ୍ଟ୍ରହିତ କାର୍ଯ୍ୟରେ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପରିଷଦ ପକ୍ଷରୁ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଛୋଟ ଛୋଟ ଦଳ ଗଠନ କରାଯାଇ ଭାରତର ପ୍ରାୟ ଦେଢ଼ ଲକ୍ଷ ଗ୍ରାମରେ ପହଞ୍ଚିବାର ଯୋଜନା ରଖାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପୂର୍ବପ୍ରାନ୍ତ ସମ୍ପାଦକ ମହେଶ କୁମାର ସାହୁ ବିଭିନ୍ନ ବର୍ଗର କର୍ମଜୀବୀ ଏହି ଅଭିଯାନରେ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଗୋବଂଶ ରକ୍ଷା, ସାମାଜିକ ସମାନତା, ନାରୀ ସଶକ୍ତୀକରଣ, ପରିବେଶ ସଂରକ୍ଷଣ, ସମାଜକୁ ସଂଗଠିତ କରି ତାହାର ସୁରକ୍ଷାର ସଂକଳ୍ପ ଭାବ ଜାଗ୍ରତ କରାଇବା ମୂଳ ଉଦ୍ଦେଶ୍ୟ। ପରିଷଦର ଭୁବନେଶ୍ୱର ଜିଲା ସଭାପତି ଲକ୍ଷ୍ମୀ ନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ଜିଲା ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱରେ ଅନ୍ତଃସ୍ରାବୀ ଗ୍ରନ୍ଥିଜନିତ ରୋଗୀ ସଂଖ୍ୟା ବଢ଼ୁଛି

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଓଡ଼ିଶା ଏଣ୍ଡୋକ୍ରାଇନ୍ ସୋସାଇଟିର ନବମ ବାର୍ଷିକ ସମ୍ମିଳନୀ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି, ଚରକ ସଂହିତା ଓ ସୁଶ୍ରୁତଙ୍କ ମତରେ ଚିକିତ୍ସା ବିଜ୍ଞାନ ପରିବର୍ତ୍ତନଶୀଳ। ତେଣୁ ଡାକ୍ତରମାନେ ସବୁବେଳେ ଅଧିକରୁ ଅଧିକ ଗବେଷଣା ଉପରେ ଜ୍ଞାନ ଆହରଣ କରିବା ଆବଶ୍ୟକ। ଅନ୍ୟପଟେ ଆଧ୍ୟାତ୍ମିକତା ଭିତ୍ତିରେ ବି ରୋଗ ଭଲ କରିବାର ଶକ୍ତି ରହିଛି। ମଣିଷ ଯେତେବେଳେ ଭକ୍ତିର ଅତି ଉଚ୍ଚାଙ୍ଗ ସ୍ତରକୁ ଯାଇଥାଏ, ସେହି ସମୟରେ ଶରୀର ଅନ୍ତଃସ୍ରାବୀ ଗ୍ରନ୍ଥିରୁ ରସ ଝରିଥାଏ, ଯାହାଦ୍ୱାରା ଅନ୍ତଃସ୍ରାବୀ ଗ୍ରନ୍ଥି ଜନିତ ରୋଗ ଭଲ ହୋଇଥାଏ। ଯେଉଁ ମଣିଷଙ୍କ ପାଖରେ ସମ୍ବେଦନଶୀଳତା ନାହିଁ, ସେ କେବେହେଲେ ଶାନ୍ତିରେ ରହିପାରିବ ନାହିଁ। ତେଣୁ ଡାକ୍ତରମାନେ ସବୁବେଳେ ସମ୍ବେଦନଶୀଳତା ନେଇ କାର୍ଯ୍ୟ କରିବାକୁ ଜିତେନ୍ଦ୍ର ନାରାୟଣ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନିଷ୍ଠାନନ୍ଦ ସରସ୍ୱତୀ କହିଥିଲେ, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର। ଜନସାଧାରଣଙ୍କ ଯେଭଳି ଭାବେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରହିଛି। ଡାକ୍ତରମାନେ ଏହି ବିଶ୍ୱାସକୁ ଅତୁଟ ରଖନ୍ତୁ। ସୋସାଇଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡା. ଅଭୟ କୁମାର ସାହୁ କହିଛନ୍ତି, ସାରା ବିଶ୍ୱରେ ଅନ୍ତଃସ୍ରାବୀ ଗ୍ରନ୍ଥି(ଏଣ୍ଡୋକ୍ରାଇନ୍)ଜନିତ ରୋଗ ସମସ୍ୟା ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରୋଗଗୁଡ଼ିକର ନିରାକରଣ ପାଇଁ ଏହି ସମ୍ମିଳନୀ ମାଧ୍ୟମରେ ଏକ ସୁଯୋଗ ସୃଷ୍ଟି ହୋଇଛି। ପ୍ରଫେସର ଜୟଶ୍ରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସୋସାଇଟିର ସଭାପତି ପ୍ରଫେସର ଏସ୍.ଆର. ପଟ୍ଟନାୟକ, ସମ୍ପାଦକ ଡା. ଏସ୍.ଏସ୍. ମଙ୍ଗରାଜ ଓ ଜେବି କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ୱାର୍ଡସଭ୍ୟ ନିର୍ବାଚନରେ ମୀନାକ୍ଷୀ ବିଜୟୀ

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ରେଙ୍ଗାଳ ପଞ୍ଚାୟତ ୯ନଂ. ୱାର୍ଡ ସଭ୍ୟଙ୍କ ନିର୍ବାଚନ ଫଳ ଶନିବାର ପ୍ରକାଶ ପାଇଛି। ୮୧ ଖଣ୍ଡ ଭୋଟରେ ମୀନାକ୍ଷୀ ସ୍ୱାଇଁ ବିଜୟ ଲାଭ କରିଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଦିଲୀପ ଷଡଙ୍ଗୀ କହିଛନ୍ତି। ୱାର୍ଡରେ ତାଙ୍କ ବିପକ୍ଷରେ ସୁଦର୍ଶନ ଲେଙ୍କା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନିର୍ବାଚନରେ ମୋଟ ୪୫୫ରୁ ୩୮୭ ଜଣ ଭୋଟର ମତଦାନ କରିଥିଲେ। ସେଥିମଧ୍ୟରୁ ୨୧୧ ମହିଳା ଓ ୧୭୬ ପୁରୁଷ ଥିଲେ। ମୀନାକ୍ଷୀ ୨୩୧ ଖଣ୍ଡ ଭୋଟ, ସୁଦର୍ଶନ ୧୫୦ ଖଣ୍ଡ ପାଇଥିବାବେଳେ ୬ ଖଣ୍ଡ ଭୋଟ ନାକଚ ହୋଇଥିଲା।

## ସଂକ୍ଷେପରେ

### ଡିଭାଇଡରକୁ ପିଟି ଓଲଟିଲା ସ୍କର୍ପିଓ, ୩ ଆହତ

**ପିପିଲି,୫।୧୧(ଡି.ଏନ୍.ଏ./ସ୍ୱ.ପ୍ର.):** ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ମଙ୍ଗଳପୁର ନିକଟରେ ଶନିବାର ଭୋର ସମୟରେ ଏକ ସ୍କର୍ପିଓ ଗାଡି ରାସ୍ତା ମଝିରେ ଥିବା ଡିଭାଇଡର ସହ ଧକ୍କା ହୋଇ ଓଲଟି ପଡିବା ଫଳରେ ଗାଡିରେ ଥିବା ଆଠଗଡ ଅଞ୍ଚଳର ୩ ମହିଳା ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ପିପିଲି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବା ୨ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ ଅଞ୍ଚଳରେ ବିବାହ କାର୍ଯ୍ୟ ପାଇଁ ଆଠଗଡ଼ରୁ ଏକ ପରିବାର ଆସିଥିଲେ। ଶୁକ୍ରବାର ରାତିରେ କାର୍ଯ୍ୟ ସାରି ଶନିବାର ଭୋରରୁ ଆଠଗଡ ଅଭିମୁଖେ ପରିବାରର ସଦସ୍ୟମାନେ ବିଭିନ୍ନ ଗାଡ଼ି ଯୋଗେ ଫେରୁଥିଲେ। ହେଲେ ମଙ୍ଗଳପୁରଠାରେ ସେଥିରୁ ଏକ ସ୍କର୍ପିଓ ଗାଡିଟି କୌଣସି କାରଣରୁ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡର ସହ ଧକ୍କା ଲାଗିବା ପରେ ସେଠାରେ ଓଲଟି ପଡିଥିଲା। ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓକୁ ଜବତ କରି ପିପିଲି ପୋଲିସର ଜିମା ଦେଇଥିଲା।

### ରାଜ୍ୟସ୍ତରୀୟ ସୁରଭିକୁ ସାକ୍ଷୀଗୋପାଳରୁ ୬ ମନୋନୀତ

**ସାକ୍ଷୀଗୋପାଳ,୫।୧୧(ସ୍ୱ.ପ୍ର./ଡି.ଏନ୍.ଏ):** ପୁରୀରେ ୧୪ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି ମହୋତ୍ସବରେ ସାକ୍ଷୀଗୋପାଳରୁ ୬ ଜଣ କୃତୀ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ ଦେବସ୍ମିତା ପ୍ରଧାନ ଦଶବିଦ୍ୟାଧରପୁର ୟୁଜିଏଚ୍ଏସ୍ ସ୍କୁଲ, ସୁମିତା ପ୍ରଧାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ, ପାୟଲ ଦାଶ ଓଟର କେରା ୟୁଜିୟୁପି ସ୍କୁଲ, ଏମ୍ ସାୟଂଶ୍ରୀ ସତ୍ୟପ୍ରଜ୍ଞା ପଞ୍ଚସଖା ବିଦ୍ୟାପୀଠ ବନପୁର, ଓମ୍ ପ୍ରକାଶ ମୁଦୁଲି ଚନ୍ଦ୍ରବ୍ରମପୁର ବିଦ୍ୟାଳୟ, ଅଙ୍କିତା ବିଶ୍ୱାଳ ତୃତୀୟା ଦେବ ନୋଡାଲ ବିଦ୍ୟାନିକେତନ।

### ଅଷ୍ଟାଦଶ ବାର୍ଷିକୋତ୍ସବ ସଙ୍ଗୀତ ସନ୍ଧ୍ୟା ଉଦ୍ଯାପିତ

**ପୁରୀ ଅଫିସ, ୫।୧୧:** ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ବଡଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ଦୁଇଦିନିଆ ଅଷ୍ଟାଦଶ ବାର୍ଷିକ ଉତ୍ସବ ସଙ୍ଗୀତ ସନ୍ଧ୍ୟା ଶନିବାର ଉଦ୍ଯାପିତ ହୋଇଯାଇଛି। ଏହି ସଙ୍ଗୀତ ସନ୍ଧ୍ୟା ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ନିମିତ୍ତ ଉତ୍ସର୍ଗୀକୃତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଚକ୍ରଧର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଭିକାରୀ ବଳଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସ୍ଥାୟୀ ସଭାପତି ତପନ ଦାସ, ଉପସଭାପତି ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଅଧକ୍ଷା ସବିତା ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

### ହାଇଟେକ୍ ମେଡିକାଲ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

**ଡେଲାଙ୍ଗ,୫।୧୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମୁନିନ୍ଦା ପଞ୍ଚାୟତ ପାଠାଗାର ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୨୫୫ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡେଲାଙ୍ଗ- ପିପିଲି ଜନକଲ୍ୟାଣ ମଞ୍ଚର ଆବାହକ ରାଧାମୋହନ ଶିବିରର ତତ୍ତ୍ୱାବଧାନ କରିଥିଲେ। ହାଇଟେକ୍ ମେଡିକାଲ ପକ୍ଷରୁ ଶିବିରରେ କର୍ଣ୍ଣ, ନାଶା, ଗଳା ବିଶେଷଜ୍ଞ ଡ. ଇଲିଜା ବେହେରା, ଭେଷଜ ବିଭାଗର ଡ. କମଳ ପ୍ରଧାନ, ଅସ୍ଥିଶଲ୍ୟର ଡ. ରତିକାନ୍ତ ବେହେରା, ଦାନ୍ତ ଡାକ୍ତର ଆକାଂକ୍ଷା ସାହୁ, ଡ. ଆନନ୍ଦିତା ସ୍ୱାଇଁ, ହାଇଟେକ୍ ମେଡିକାଲର ପ୍ରଶାସନିକ ଅଧିକାରିଣୀ ଡ. ଅରୋସ୍ମିତା ସାମଲ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ମାଗଣା ଔଷଧ ବିତରଣ କରିଥିଲେ। ଶିବିରରେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲୀପ ଷଡଙ୍ଗୀ, ଉପାଧକ୍ଷ ଦୁର୍ବାଷା ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ଶେଷଦେବ ବାରିକ୍, ସମିତିସଭ୍ୟା ସ୍ୱର୍ଣ୍ଣଲତା ସେଠୀ, କୋଠବାଡ ସରପଞ୍ଚ ଦୀପକ ସାହୁ, ଦୁର୍ଗାଚରଣ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷାରେ ପାଟ୍ରୋଲିଂ ଆରମ୍ଭ

**ଅସ୍ତରଙ୍ଗ,୫।୧୧(ଡି.ଏନ୍.ଏ.)**

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଙ୍ଗମ ଓ ଅଣ୍ଡାଦାନ ଋତୁ ଆରମ୍ଭ ହେବା ନେଇ ବନ ବିଭାଗ ନଭେମ୍ବର ୧ରୁ ସମୁଦ୍ରରୁ ମାଛ ଧରିବାକୁ କଟକଣା ଜାରି କରିଛି। ଏନେଇ ବନ ବିଭାଗ, ପୋଲିସ ଓ ମତ୍ସ୍ୟ ବିଭାଗ କର୍ମଚାରୀଙ୍କ ମିଳିତ ସହାୟତାରେ ଶନିବାର ସମୁଦ୍ରରେ ପାଟ୍ରୋଲିଂ ଆରମ୍ଭ କରାଯାଇଛି। ପାଟ୍ରୋଲିଂ ପାଇଁ ବନ ବିଭାଗ ପକ୍ଷରୁ ନିୟୋଜିତ ବୋଟ୍‌ରେ ପୁରୀ ଜିଲା ବନ୍ୟଜନ୍ତୁ ସଂରକ୍ଷଣ ବିଭାଗର ଏସିଏଫ୍ ଉତ୍ତମ ଗଡ଼ନାୟକ, ଅସ୍ତରଙ୍ଗର ସାମୁଦ୍ରିକ ମତ୍ସ୍ୟ ଅଧିକାରୀ, ଜୁନିୟର ଫଶେରି ଅଫିସର, ମୁହାଁଣ ମୁହଁ ଫରେଷ୍ଟର, ଜାହାନିଆ ଫରେଷ୍ଟର ଓ ଗାର୍ଡଙ୍କ ସମେତ ପୋଲିସ ସାମିଲ ଥିଲେ। ଦେବୀ ନଦୀ ମୁହାଁଣ ମୁହଁରେ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଥିବା ସ୍ୱତନ୍ତ୍ର ଭାସମାନ ଜେଟିରୁ ପାଟ୍ରୋଲିଂ ବୋଟ୍ ବାହାରି ଦେବୀ ନଦୀ ମୁହାଁଣ ମୁହଁ ଅଥଳ ଜଳରାଶିରେ କିଛି ଘଣ୍ଟା ପାଟ୍ରୋଲିଂ କରି ପୁନର୍ବାର ଜେଟିକୁ ଫେରିଥିଲା। ବର୍ତ୍ତମାନ ଆବଶ୍ୟକ ଅନୁଯାୟୀ ଫୋର୍ସ ନାହାନ୍ତି, ଫୋର୍ସ ଆସିଲେ କଡା ସୁରକ୍ଷା ବଳୟରେ ସମୁଦ୍ରରେ ପାଟ୍ରୋଲିଂ କରାଯିବ। ଏଥିସହ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର କିମ୍ବା ଟାପା ଯଦି ପାଟ୍ରୋଲିଂରେ ଧରାପଡନ୍ତି, ତାହେଲେ (ଓମ୍‌ଫ୍ରା) ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିଏଫ୍ ଗଡ଼ନାୟକ ପ୍ରକାଶ କରିଛନ୍ତି।



ଅସ୍ତରଙ୍ଗ ନିକଟ ସମୁଦ୍ରରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଛନ୍ତି।

# ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଜିଲାସ୍ତରୀୟ ବୈଠକ

**ପୁରୀ ଅଫିସ,୫।୧୧**

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ଜିଲାସ୍ତରୀୟ ବୈଠକ ଶନିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶାରେ କୌଣସି ସରକାରୀ ବ୍ୟବସ୍ଥାରେ କାର୍ଯ୍ୟରତ ଥିବା କର୍ମଚାରୀ ଆଉ ଠିକାରେ କାର୍ଯ୍ୟ କରିବେ ନାହିଁ ଏବଂ ସମସ୍ତଙ୍କର ଚାକିରିକୁ ସ୍ଥାୟୀ କରାଗଲା। ମାତ୍ର ବାସ୍ତବରେ ବିଶେଷତଃ ସ୍ୱାସ୍ଥ୍ୟ ସେବାରେ କାର୍ଯ୍ୟରତ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ, ଆୟୁଷ ଡାକ୍ତର, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମେଣ୍ଟାଲ ହେଲଥ, ସମନ୍ୱିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଓଡ଼ିଶା ରାଜ୍ୟ ଏଡ୍‌ସ ନିରାକରଣ କାର୍ଯ୍ୟକ୍ରମ, ଭୌତିକ ଚିକିତ୍ସା ଆଦି ୧୯ଟି ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଚାକିରିକୁ ଉକ୍ତ ବିଜ୍ଞପ୍ତିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଏଣୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରିବା ନିମିତ୍ତ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ମହାସଂଘର ନିଷ୍ପତ୍ତି ଅନୁଯାୟୀ ପୁରୀ ଜିଲାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାସ୍ତରୀୟ କର୍ମକର୍ତ୍ତାଙ୍କର ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ଡା.ତପନ ସାମଲ , ଉପ ସଭାପତି ଡା. ସୀମାଲତା ସ୍ୱାଇଁ, ସମ୍ପାଦକ ଦୁଃଖିଶ୍ୟାମ ପଟ୍ଟନାୟକ, କୋଷାଧକ୍ଷ ଆଶୁତୋଷ ମିଶ୍ର ଓ ସହ କୋଷାଧକ୍ଷ ପ୍ରତୀକ ଶ୍ରୀଚନ୍ଦନ। କ୍ଷେତ୍ରୀୟ ସଭାପତି ଡାକ୍ତର ବିଶ୍ୱରଞ୍ଜନ ଜେନା ଏବଂ ଜ୍ୟୋତି ରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁନାମିର ପୂର୍ବ ପ୍ରସ୍ତୁତି ପାଇଁ ମକ୍‌ଡ୍ରିଲ

**ଅସ୍ତରଙ୍ଗ,୫।୧୧(ଡି.ଏନ୍.ଏ.)**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅସ୍ତରଙ୍ଗ ବ୍ଲକ କେଉଟଜଙ୍ଗା ବାତ୍ୟା ଆଶ୍ରୟସ୍ଥଳରେ ସୁନାମି ପୂର୍ବ ପ୍ରସ୍ତୁତି ନେଇ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧକ୍ଷ ଦୁର୍ଜୟ ମିଶ୍ର, ଜିଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର ଓ ଏସ୍‌ଡିଏମ୍‌ର ଡିଜିଏମ୍ ଜଗତ ସାହୁ ଓ ଏସ୍‌ଡିଏମ୍‌ର ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ ସାହୁ, ଅସ୍ତରଙ୍ଗ ବିଡିଓ ତୁଷାରଜ୍ୟୋତି ରଞ୍ଜନ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ମେଘନାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମୁଦ୍ରରେ ସୁନାମି ଆସିବା ପୂର୍ବରୁ ସାଇରନ୍ ବାଜିବା, ସ୍ଥାନୀୟ ବାସିନ୍ଦା, ଗର୍ଭବତୀ, ଭିନ୍ନକ୍ଷମ, ଶିଶୁଙ୍କୁ କିପରି ନିରାପଦରେ ନିକଟରେ ଥିବା ସରକାରୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ନେଇ ବିଭିନ୍ନ ଉପାୟ ଅବଲମ୍ବନ କରି ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦେଇ କେଉଟଜଙ୍ଗା ଗ୍ରାମର ୨୫୦ ଜଣ ଲୋକଙ୍କୁ ସ୍ଥାନାନ୍ତର କରିଥିଲେ। ଏହା ଏକ ଆଗାମୀ ସୁନାମି ପାଇଁ ସଚେତନତା ମକ୍‌ଡ୍ରିଲ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କଲ୍ୟାଣ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ଚଣ୍ଡିଗଡ଼ କୃଷି ବିଜ୍ଞାନୀଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଚଣ୍ଡିଗଡ଼ କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ଶନିବାର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସିଛନ୍ତି।

**ସାକ୍ଷୀଗୋପାଳ,୫।୧୧ (ସ୍ୱ.ପ୍ର./ଡି.ଏନ୍.ଏ)**

କୃଷି ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼ର ପ୍ରଫେସର ଡା. ସଞ୍ଜୟ ଦାସ ଶନିବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚଳିତ ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡା. ସଞ୍ଜୟ ମହାନ୍ତି ଏବଂ ଅନ୍ୟ ବିଭାଗରେ ବୈଜ୍ଞାନିକଙ୍କ ସହ ଆଲୋଚନା କରିଥିଲେ। ପରେ କେନ୍ଦ୍ର ପରିସରରେ ବିଭିନ୍ନ ବିଭାଗ ତଥା ମାଛଚାଷ, ଉନ୍ନତ କିସମ ଶସ୍ୟ ମଞ୍ଜି ଉତ୍ପାଦନ, ଛତୁ ଚାଷ, ଜିଆ ଖତ ଚାଷ, ପନିପରିବା ତଥା ଫୁଲ ଫଳ ଚାଷ ଆଦି ନିରୀକ୍ଷଣ କରିବା ସହ ଜଳବାୟୁ ସହ ଜଡିତ ନମନୀୟ କୃଷି କୌଶଳ ଦେଖି ପ୍ରଶଂସା କରିଥିଲେ। ଏଥିରେ ଡା. ଦୀପଶିଖା ପରଂଜିତା, ଡା. ସୁମିତା ଆଚାର୍ଯ୍ୟ, ସୋନିତା ସେଠୀ, ନିଭା ମହାପାତ୍ର, ଚନ୍ଦନା ମହାପାତ୍ର, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ହ୍ରାସ ପାଇଁ ଜନସତର୍କତା ଜରୁରୀ

**ବଳଙ୍ଗା, ୫।୧୧(ଡି.ଏନ.ଏ.)**

ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କର୍ମଚାରୀଙ୍କର ସମୂହ ଶପଥ ପାଠ, ବିଦ୍ୟାର୍ଥୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଜଣା ଅଜଣା, ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ବଂଶୀଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ନିମାପଡ଼ା ସିଭିଲ କୋର୍ଟ (ସିନିଅର ଡିଭିଜନ)ର ବରିଷ୍ଠ ସିରସ୍ତାଦାର ସୁଧାଂଶୁ କୁମାର ବେହେରା, ମୁଖ୍ୟବକ୍ତା ରୂପେ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଭାତ ସାହୁ, ସମ୍ମାନୀୟ ଅତିଥି ଅଧ୍ୟାପକ ହରମୋହନ ମହାନ୍ତି, ବଳଭଦ୍ର ରଥ ଯୋଗଦେଇଥିଲେ। ରାଜ୍ୟର ପ୍ରତିଟି ବିଭାଗ, ଅନୁଷ୍ଠାନରେ ଦୁର୍ନୀତି ବଢ଼ିଯାଇଥିବା ବେଳେ ଏହାର ମାତ୍ରାକୁ କମାଇବାକୁ ହେଲେ ଜନସତର୍କତା, ଜନ ସହଯୋଗ ତଥା ତ୍ୟାଗ ଏକାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି, ବ୍ରଜବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଞ୍ଚାଳନ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ସରସ୍ୱତୀ ସେନାପତି, ସୁଶ୍ରୀ ଯାଜ୍ଞସେନୀ ସାହୁ, ପ୍ରିୟଦର୍ଶନୀ ପାତ୍ର ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଯଥାକ୍ରମେ ୧ ମ,୨ୟ ଓ୩ୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ଶୁଭ୍ରା ସିଂହାରୀ କିରଣ, ପିଙ୍କି ସାହୁ,ଜଣା ଅଜଣା ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ବାରିକ, ବର୍ଷାରାଣୀ ପ୍ରଧାନ ଓ କାର୍ତ୍ତିକ ଦାସ, ପ୍ରବନ୍ଧ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ସାହୁ, ପ୍ରିୟଙ୍କା ପାଣି ଓ ସୁପ୍ରିୟା ସାହୁ ଯଥାକ୍ରମେ ୧ମ,୨ୟ ଓ୩ୟ ସ୍ଥାନ ଅଧିକାର କରିଛନ୍ତି। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶୁଭ୍ରା ସମାଧୀ କିରଣ ଧନ୍ୟବାଦ ଦେଇଥିଲେ।

# ନିମାପଡ଼ା କଲେଜରେ ୩ ଘଣ୍ଟା ତାଲା ପକାଇ ଛାତ୍ରୀଙ୍କ ଆନ୍ଦୋଳନ


କଲେଜ ସମ୍ମୁଖରେ ଛାତ୍ରୀମାନେ ଆନ୍ଦୋଳନରେ ବସିଛନ୍ତି।

**ନିମାପଡ଼ା,୫।୧୧(ଡି.ଏନ୍.ଏ.)**

ନିମାପଡ଼ା କଲେଜର ମହିଳା ହଷ୍ଟେଲ ମଧ୍ୟରେ ଜଣେ ଛାତ୍ରୀଙ୍କ ବଡ ଭଉଣୀ ଓ ଭାଇ ଗତ ୩୦ ତାରିଖରେ ପଶିଥିଲେ। ସେଠାରେ ୨ ଜଣ ଅନ୍ତେବାସୀ, ହଷ୍ଟେଲ ୱାର୍ଡେନ ଓ ୱାଚ୍‌ମ୍ୟାନଙ୍କୁ ମାଡ଼ମାରି ବିଭିନ୍ନ ଧମକ ଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ଗିରଫ ଦାବିରେ ଶନିବାର ଶତାଧିକ ଛାତ୍ରୀ କଲେଜ ଫାଟରେ ତାଲା ପକାଇ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଆନ୍ଦୋଳନସ୍ଥଳରେ କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବୁତ୍, ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଡିପିଓ ଦେବାଶିଷ୍ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଦୋଷୀ ଓ ଗଣ୍ଡଗୋଳକାରୀ ଭଉଣୀ ଭାଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ, ଆଇଆଇସି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

### ମହିଳା ହଷ୍ଟେଲରେ ପଶି ଗଣ୍ଡଗୋଳ ଘଟଣା

ସୂଚନା ମୁତାବକ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। କୌଣସି ଏକ ଘଟଣାକୁ ନେଇ ଛାତ୍ରୀଙ୍କ ବଡ଼ ଭଉଣୀ ଓ ଭାଇ ତାଙ୍କୁ ଦେଖା କରିବାକୁ ହଷ୍ଟେଲ ମଧ୍ୟରେ ଜୋରଜବରଦସ୍ତ ପଶିଥିଲେ। ଏନେଇ ହଷ୍ଟେଲ ୱାଡେନ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେ ଦୁହିଙ୍କ ନାମରେ ଏକ ମାମଲା (ନଂ.୩୬୩/୨୨) ରୁଜୁ କରିଛି।

# ନିମାପଡ଼ା ସିଏଚ୍‌ସିକୁ ସବ୍‌ଡିଭିଜନ୍ ହସ୍ପିଟାଲ ମାନ୍ୟତା ଦାବି

**ନିମାପଡ଼ା,୫।୧୧(ଡି.ଏନ୍.ଏ.)**

### ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀ କଲ୍ୟାଣ ସମିତି ବୈଠକ

ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ମେଡିକାଲ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସମିତି ଅଧକ୍ଷ ଶଙ୍କର ଭୋଇ, କାଉନସିଲର ଧନୁର୍ଦ୍ଧର ଦାସ, ଏନ୍ଏସି ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧାରୀ ଡ. କ୍ଷମାନିଧି ସେଠୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ ସାମନ୍ତରାୟ, ନର୍ସିଂ ଅଫିସର ସାଧନା ମହାପାତ୍ର, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ଆୟତନ, ପରିସୀମା, ଜନସଂଖ୍ୟା, ରୋଗୀ ସଂଖ୍ୟା, ଭିତ୍ତିଭୂମି, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ସବ୍‌ଡିଭିଜନାଲ୍ ହସ୍ପିଟାଲର ମାନ୍ୟତା ଦିଆଯିବାକୁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ମେଡିକାଲ ପରିସରରେ ନବନିର୍ମିତ ୨୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲକୁ ଆବଶ୍ୟକ ସରଞ୍ଜାମ ଯୋଗାଣ,ମେଡିକାଲକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଣ, ଡାକ୍ତରଖାନାରେ ଉତ୍ତମ ଜଳଯୋଗାଣ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବା, ଚଳିତ ଆର୍ଥିକ ବର୍ଷରେ ଖର୍ଚ୍ଚ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ ହୋଇଥିଲା। ମନ୍ତ୍ରୀ ଦାଶ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବାବେଳେ ମେଡିକାଲର ଆହାରକେନ୍ଦ୍ର ପରିଦର୍ଶନ କରିଥିବାବେଳେ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତିର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ମେଡିକାଲର ବରିଷ୍ଠ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଓ ରୋଗୀ କଲ୍ୟାଣ ସମିତି ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇର ବିକ୍ଷୋଭ

**ଡେଲାଙ୍ଗ,୫।୧୧(ଡି.ଏନ୍.ଏ.)**

ଏସ୍‌ୟୁସିଆଇ ରାଜ୍ୟ କମିଟି ଆହ୍ୱାନକ୍ରମେ ଡେଲାଙ୍ଗ ବ୍ଲକ ଏସ୍‌ୟୁସିଆଇ ପକ୍ଷରୁ ଶନିବାର ଦାବି ସପ୍ତାହ ପାଳିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ରଘୁନାଥ ଦାସଙ୍କ ନେତୃତ୍ୱରେ କର୍ମୀମାନେ ବେରବୋଇ ପାର୍ଟି କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବେରବୋଇ ବଜାର, ଡେଲାଙ୍ଗ ବଜାର ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧାନ ଜମିକୁ କେନାଲ ପାଣି ଯୋଗାଇବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ବେକାରିକୁ କାମ ଦେବା ନଚେତ ଭତ୍ତା ପ୍ରଦାନ କରିବା ଆଦି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସମ୍ପାଦକ କମ୍ରେଡ ସୁବାସ ବରାଳ, ଦୀନବନ୍ଧୁ ପରିଡା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ କର୍ମୀ ସାମିଲ ହୋଇଥିଲେ।



ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ।

# ଓଡ଼ିଶୀ ନୃତ୍ୟ, ଭଜନ ଦର୍ଶକଙ୍କୁ ବାନ୍ଧି ରଖିଥିଲା

**ପୁରୀ ଅଫିସ,୫।୧୧**

ବଡ଼ଦାଣ୍ଡ ବଳଗଣ୍ଡିସ୍ଥିତ ମାଉସୀ ମା’ ମନ୍ଦିର ସମ୍ମୁଖରେ ପବ୍ଲିକ ଫୋରମ ପକ୍ଷରୁ ୭ମ ପଞ୍ଚକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଛି। ପବ୍ଲିକ ଫୋରମର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା, ଚକ୍ରଧର ମହାପାତ୍ର, ନାଟ୍ୟକାର ଓ ଗୀତିକାର ବଦ୍ରି ମିଶ୍ର, ମହୋତ୍ସବ ପରିଚାଳନା କମିଟି ଅଧକ୍ଷ ଜଗନ୍ନାଥ ଦାସ ମହାପାତ୍ର, ଉପଦେଷ୍ଟା ତଥା ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ଭଗବାନ ମିଶ୍ର ଯୋଗଦେଇଥିଲେ। ପ୍ରାରମ୍ଭରୁ ଅନୁଷ୍ଠାନର ଉପଦେଷ୍ଟା ତଥା ସମୁଦ୍ର ପତ୍ରିକାର ସମ୍ପାଦକ ରାମଚନ୍ଦ୍ର ଦୋରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ।


ବଡ଼ଦାଣ୍ଡ ବଳଗଣ୍ଡିସ୍ଥିତ ମାଉସୀ ମା’ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ପଞ୍ଚକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

### ୭ମ ପଞ୍ଚକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର କ୍ରିତିକ୍ ଡ୍ୟାନ୍ସ ଗ୍ୟାଲେରି କଳାକାରଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଶ୍ରୀକ୍ଷେତ୍ର କଳାକାର ମଞ୍ଚ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରଭାତି ତ୍ରିପାଠୀ, ଗୋବର୍ଦ୍ଧନ ଦାସ, ମାଷ୍ଟର ରାଜା, ପ୍ରତିମା ଦାଶ, ଦୀପା ସାହୁ, ଶୁଭ୍ରକାନ୍ତ, ପ୍ରକାଶ ରଥ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ସହ ଭଜନରେ ବେଶ୍ ସମୟ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଯନ୍ତ୍ର ସଙ୍ଗୀତରେ ବିଷ୍ଣୁପ୍ରସାଦ ମହାପାତ୍ର, ବିକ୍ରମ ଦାସ, ପ୍ରକାଶ ରଥ ଓ ଚନ୍ଦନ ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରବକ୍ତା ବିପିନ ବିହାରୀ ମିଶ୍ର ଶ୍ରୋତାଙ୍କୁ ହରିକଥା ପ୍ରବଚନ ଶୁଣାଇଥିଲେ। ଭରତ ନାୟକ ଓ ଶ୍ୟାମପ୍ରକାଶ ସେନାପତି ମଞ୍ଚସଞ୍ଚାଳନ କରିଥିଲେ। କମିଟିର କାର୍ଯ୍ୟକାରୀ ଅଧକ୍ଷ ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ ବିଶ୍ୱନାଥ ମିଶ୍ର, ସଂଯୋଜକ ସତ୍ୟ ଦାଶ, ସଂଗଠନ ସମ୍ପାଦକ ଜ୍ୟୋତିପ୍ରକାଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ

ବେଗୁନିଆ,୫।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଧୀନ କୁଶପଲ୍ଲା ମୌଜାରେ ଥିବା ଜମିରେ ଗଢି ଉଠିବ ଶିଳ୍ପାୟନ। ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଏକର ପରିମିତ ଜମିକୁ ଇଡକୋ (ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ) ହାତକୁ ଟେକିଦେବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏନେଇ ଶନିବାର କୁଶପଲ୍ଲା ଖେଳପଡିଆରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କୁଶପଲ୍ଲା ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୟିଉଦ୍ଦିନ୍ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ରମାକାନ୍ତ ପାତ୍ର, ୱାର୍ଡ ସଭ୍ୟ ସର୍ବେଶ୍ୱର ମହାନ୍ତି, ରମାକାନ୍ତ ନାଏକ, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ବଡବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ଶରତ ଚମ୍ପତି, ଏସ୍.କେ ହାଜି ମୋବାରକ, ଶ୍ରୀନିବାସ ରାୟ, ଭୋଳାନାଥ ମହାପାତ୍ର, ହେଫିଜୁର ରହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ। ବେଗୁନିଆ, ବଡ଼ବେରଣା ଓ ସିମୋର ପଞ୍ଚାୟତର ହଜାର ହଜାର ମହିଳା ଓ ପୁରୁଷ ଏହି ପ୍ରତିବାଦ ସଭାରେ ଯୋଗଦେଇଥିଲେ।

ସୂଚନାଥାଉ କି, ବେଗୁନିଆ ତହସିଲ କୁଶପଲ୍ଲା ମୌଜାର ପ୍ରାୟ ୩୨୯ ଏକର ପରିମିତ ଜମି ଇଡକୋ ହାତକୁ ଯିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଜମିରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବ। ସ୍ଥାନୀୟ ଅଞ୍ଚଳର ବେକାରି ସମସ୍ୟା ହଟିବ ବୋଲି ଆଭିମୁଖ୍ୟ ରଖି ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ଅକ୍ଟୋବର ୧୭ରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ସ୍ଥାନୀୟ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ପ୍ରମୁଖ ଜମି ଚିହ୍ନଟ କରିଥିଲେ। ତେବେ ଯଦି ଉକ୍ତ ଜମିରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବ ତାହାଲେ ଗ୍ରାମର ସୁସ୍ଥ ପରିବେଶ ନଷ୍ଟ ହେବ। କାଜୁ ବଗିଚା, ଖେଳପଡିଆ, ଶ୍ମଶାନ ଜମି, ଧାନକ୍ଷେତ, ଗୋଚାରଣ, କବର ସ୍ଥାନ ଆଦି ଲୋପ ପାଇବ। ଏଥିପାଇଁ ସ୍ଥାୟୀ ବାସିନ୍ଦାଙ୍କ ବ୍ୟାପକ କ୍ଷତି ହେବା ସହ ପରିବେଶ ସୁରକ୍ଷା ଉପରେ ବିପଦ ସୃଷ୍ଟି କରିବ। ସେହିପରି ଆଇଆରଡିପି ସ୍କିମ୍ ଜରିଆରେ ଗରିବ ଆଦିବାସୀ ହରିଜନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ପାଇଁ କାଜୁ ବଗିଚା ବଣ୍ଟନ କରାଯାଇଥିଲା। ତେବେ ଉକ୍ତ ଜମିକୁ ଛାଡ଼ିବୁ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ମହଙ୍ଗା ସାବ୍ୟସ୍ତ ହେବ ବୋଲି ପରିବେଶବିତ୍ ଶ୍ରୀଚନ୍ଦନ କହିଛନ୍ତି।



କୁଶପଲା ଖେଳପଡ଼ିଆରେ ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

### ୧୫୧ ଛାତ୍ରୀଛାତ୍ରଙ୍କ ହେଲା ଦାନ୍ତ ପରୀକ୍ଷା



ଜଟଣୀ,୫।୧୧(ଡି.ଏନ୍.ଏ.): ଶନିବାର ରୋଜା ପକ୍ଷରୁ ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଜାର ସାଧାରଣ ସମ୍ପାଦିକା ପ୍ରଣତୀ ସ୍ୱାଇଁ, ପୁରାତନ ଛାତ୍ର ସଭାପତି ଚକ୍ଷୁ ବିଶେଷଜ୍ଞ ଡା. ପ୍ରସନ୍ନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ପୁରାତନ ଛାତ୍ରୀ ଦନ୍ତ ଚିକିତ୍ସିକ ଡା.ଜୟଶ୍ରୀ ମିଶ୍ର ଯୋଗଦେଇ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୧୫୧ ଛାତ୍ରୀଛାତ୍ରଙ୍କ ଦନ୍ତ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣଙ୍କର ଦନ୍ତରେ ଅସୁବିଧା ରହିଥିବା ଜଣାପଡ଼ିଥିଲା। ବିଶେଷଜ୍ଞ ଡାକ୍ତର ଦାନ୍ତର ଉପଯୁକ୍ତ ସୁରକ୍ଷା ଓ ଯତ୍ନ ନିଆଯିବା ଉପରେ ପରାମର୍ଶ ଦେଇଥିଲେ। ଶିବିରରେ ଅରୁଣ କୁମାର ମହାନ୍ତି, ଡି.କମଳେଶ, ପ୍ରଦୀପ ତ୍ରିପାଠୀ, ଲିଟୁ ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ, ବିଶ୍ୱଶ୍ରୀ ବ୍ରହ୍ମା, ଦେବଦାସୀ ଦାଶ, ସୁସ୍ମିତା ପ୍ରଧାନ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ ଓ ଅନ୍ୟ ସଦସ୍ୟସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୋର୍ଟ ପରିସରରୁ ବାଇକ୍ ଚୋରି

ଖୋର୍ଦ୍ଧା ଅଫିସ,୫।୧୧: କିଛି ଦିନର ନୀରବତା ପରେ ପୁଣି ଥରେ ଖୋର୍ଦ୍ଧା ସହରରେ ବାଇକ୍ ଲୁଟେରା ମାତିଛନ୍ତି। ଶନିବାର ଖୋର୍ଦ୍ଧା କୋର୍ଟ ପରିସରରୁ ବାଇକ ଚୋରି ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ବାଜପୁର ଅଞ୍ଚଳର ଦିବ୍ୟରଞ୍ଜନ ସାହୁ ବାଇକ୍ ନେଇ କୋର୍ଟକୁ କୌଣସି କାମରେ ଆସିଥିଲେ। କୋର୍ଟ ପରିସରରେ ବାଇକ ରଖି ଓକିଲଙ୍କୁ ପରାମର୍ଶ କରିବାକୁ ଯାଇଥିଲେ। ଫେରିବା ବେଳେ ବାଇକ ନ ଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ତେବେ କୋର୍ଟ ପରିସରରୁ ବାଇକ ଚୋରି ନେଇ ଆଇନଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ବିଶ୍ରାମାଗାର ନିର୍ମାଣ ଦାବି

ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ଟାଙ୍ଗୀଠାରେ ବିଶ୍ରାମାଗାର ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଟାଙ୍ଗୀ, ଚାନ୍ଦପୁର ଠାରେ ବିଶ୍ରାମାଗାର ନିର୍ମାଣ ହୋଇପାରିନାହିଁ। ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଆଜିଠୁ କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଅଫିସ,୫।୧୧: କାଇପଦର ସ୍ଥିତ ସତ୍ୟପୀର ସ୍ପୋର୍ଟିଂ ଆସୋସିଏଶନ ଆନୁକୂଲ୍ୟରେ କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଏଥିରେ ଗ୍ରୁପ ଏ ଓ ବି ରେ ୮ଟି ଲେଖାଏ ଟିମ୍ ରହିଛନ୍ତି। ୬ତାରିଖଠାରୁ ୯ତାରିଖ ପର୍ଯ୍ୟନ୍ତ ଲିଗ୍ ମ୍ୟାଚ୍, ୧୦ ଓ ୧୧ରେ କ୍ୱାର୍ଟର, ୧୨ତାରିଖରେ ସେମିଫାଇନାଲ ଏବଂ ୧୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ୟାଙ୍କ ସେବା ସଚେତନତା କାର୍ଯ୍ୟକ୍ରମ

ବୋଲଗଡ଼,୫।୧୧(ଡି.ଏନ୍.ଏ.)

ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁବନ୍ଧିତ ବ୍ୟାଙ୍କମାନେ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖୋର୍ଦ୍ଧା ଜିଲା ଦିଲୀପ ଭୂୟାଁ କହିଛନ୍ତି। ବୋଲଗଡ ବ୍ଲକ ସଭାଗୃହରେ ଆୟୋଜିତ ବ୍ୟାଙ୍କ ସେବା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଭୂୟାଁ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ତେବେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ବ୍ୟାଙ୍କ ଗୁଡିକର ମୂଳ ଲକ୍ଷ୍ୟ ହେବା ଉଚିତ। ଏଥିରେ ବ୍ୟତିକ୍ରମ ହେଲେ ଗ୍ରାହକ ଜିଲା ଆମ୍ବୁଡ୍‌ସମ୍ୟାନଙ୍କ ନିକଟରେ ଅଭିଯୋଗ କରିପାରିବେ। ଏତଦ୍ ବ୍ୟତୀତ ସମ୍ପୃକ୍ତ ବ୍ୟାଙ୍କର ଉଚ୍ଚ ପଦାଧିକାରୀଙ୍କୁ ଅନଲାଇନ କିମ୍ବା ଅଫଲାଇନରେ ଅଭିଯୋଗ କରିପାରିବେ। ତାହା ତୁରନ୍ତ ବିଚାର କରାଯିବ। ବ୍ଲକ ଅଧକ୍ଷା ହ୍ଲାସ ପ୍ରଧାନଙ୍କ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ସାହୁ, ଏବିଡିଓ ଡ.ରତିକାନ୍ତ ମିଶ୍ର, ପ୍ରମୋଦ ମହାପାତ୍ର, ପ୍ରତିକ୍ ରାଜ ସାହୁ ପ୍ରମୁଖ ଯୋଗଦେଇଥିଲେ।


ଖୋର୍ଦ୍ଧା: ଯୁଧିଷ୍ଠିର ମହାରଥୀଙ୍କ ଜୟନ୍ତୀ ଅବସରରେ ନିଜଗଡ ତାପଙ୍ଗରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

## ଜନ୍ମମାଟିରେ ଯୁଧିଷ୍ଠିର ମହାରଥୀଙ୍କ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୫।୧୧

ଯୁଧିଷ୍ଠିର ମହାରଥୀ ସ୍ମୃତି କମିଟି ଆନୁକୂଲ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପାଇକ ଦାୟାଦ ଯୁଧିଷ୍ଠିର ମହାରଥୀଙ୍କ ୮୮ତମ ଜନ୍ମଜୟନ୍ତୀ ଜନ୍ମମାଟି ନିଜଗଡ ତାପଙ୍ଗରେ ଶନିବାର ପାଳିତ ହୋଇଯାଇଛି। କଂଗ୍ରେସ ନେତା ସୁବାଷ ଚନ୍ଦ୍ର ପାତ୍ର ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ସଞ୍ଜୟ ପଟ୍ଟନାୟକ, ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, ରମ୍‌ଜାନ୍ ଖାଁ, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଶ୍ୱଭୂଷଣ ଛୋଟରାୟ, ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ମୃତ୍ୟୁଞ୍ଜୟ ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବିପିନ ପ୍ରଧାନ, ନିମାଇଁ ଚରଣ ଶ୍ରୀଚନ୍ଦନ, ଜୟକୃଷ୍ଣ ପାଲଟାସିଂହ, ହରମୋହନ ପାଇକରାୟ, ସାମାଜିକକର୍ମୀ ପଦ୍ମଚରଣ ରାୟ, ଦୁର୍ଗାଚରଣ ସାମନ୍ତରାୟ, ଶିକ୍ଷାବିତ୍ ସ୍ୱର୍ଣ୍ଣମୟୀ ଦାସ, ଦେବେନ୍ଦ୍ରନାଥ ମାନସିଂହଙ୍କୁ 'ଯୁଧିଷ୍ଠିର ମହାରଥୀ ସମ୍ମାନ-୨୦୨୨' ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବରାଳ, ଅମରଜିତ୍ ମହାରଥୀ, ମନୋଜ କୁମାର ପରିଡ଼ା, ହୃଷିକେଶ ପାଟ୍ଟଶାଣୀ, ବୈକୁଣ୍ଠ ଛୋଟରାୟ, ପ୍ରଦୋଷ ସାହୁ, ପ୍ରଦୋଷ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାପାର୍ଶ୍ୱକୁ ଓଲଟିଲା ପାର୍ସଲ ଗାଡ଼ି

ଗମ୍ଭାରୀମୁଣ୍ଡା,୫।୧୧(ଡି.ଏନ୍.ଏ.)

### ଡ୍ରାଇଭର ଗୁରୁତର



୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବିଷ୍ଣୁଡ଼ିହ ବାଇପାସରେ ଶନିବାର ଏକ ଫ୍ଲିପକାର୍ଟର ପାର୍ସଲ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି।। ସେ ହେଲେ କଟକ ଜିଲା ସାଲେପୁର ଅଞ୍ଚଳର ଗାଡ଼ିଚାଳକ ସୁଶାନ୍ତ ଦାସ(୪୦)। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ମଧ୍ୟାହ୍ନରେ ଗଞ୍ଜାମ ଜିଲା ଖଲିକୋଟରୁ ଫ୍ଲିପକାର୍ଟ ପାର୍ସଲ ନେଇ ଏକ ଗାଡ଼ି (ଓଡ଼ି୦୨ ଏଡବ୍ଲ୍ୟୁ ୩୯୦୭)କଟକ ଜିଲା ଚୌଦ୍ୱାର ଅଭିମୁଖେ ଆସୁଥିଲା। ତେବେ କୌଣସି କାରଣରୁ ଭାରସାମ୍ୟ ହରାଇ ଗାଡ଼ିଟି ବିଷ୍ଣୁଡ଼ିହ ବାଇପାସରେ ଓଲଟି ପଡ଼ିଥିଲା। ବାଣପୁର ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

## ହରିଙ୍କ ପରେ ବାହନ ଗରୁଡ଼ ନିଦରୁ ଉଠିଲେ

ପୁରୀ ଅଫିସ,୫।୧୧

### ଶ୍ରୀମନ୍ଦିରରେ ଗରୁଡ଼ଙ୍କ ଉତ୍ଥାପନା ନୀତି ସମ୍ପନ୍ନ

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥି ଶନିବାର ଅବସରରେ ଗରୁଡ଼ ଉତ୍ଥାପନା ନୀତି ସମ୍ପନ୍ନ ହୋଇଛି। ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ଶ୍ରୀହରି(ମହାପ୍ରଭୁ) ଉତ୍ଥାପନା ନୀତି ସମ୍ପନ୍ନ ହୋଇଥିବା ବେଳେ କାର୍ତ୍ତିକ ଦ୍ୱାଦଶୀରେ ଗରୁଡ଼ ଉତ୍ଥାପନା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ନିଦ୍ରାରୁ ଉଠିବା ପରେ ମହାପ୍ରଭୁଙ୍କ ବାହାନ ଗରୁଡ଼ ଦ୍ୱାଦଶୀ ତିଥିରେ ନିଦ୍ରାରୁ ଉଠିଛନ୍ତି। ଶ୍ରୀମନ୍ଦିରରେ ଦ୍ୱାଦଶୀ ତିଥି ଅବସରରେ ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ପରେ ମହାସ୍ନାନ, ବେଶବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା। ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ସରିଲା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା। ଏହା ପୂର୍ବରୁ ଚୂନରା ସେବକ ଗରୁଡଙ୍କୁ ମଇଲମ କରିଥିଲେ। ପୂଜା ଠା' ପରେ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କୁ ମହାସ୍ନାନ କରିଥିଲେ। ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୂଆ ଆଦି ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ଲଗାଯାଇ ବେଶ କରିଥିଲେ। ପରେ ପାଣିପଡ଼ି ପଞ୍ଚ ଉପଚାରରେ ଶୀତଳଭୋଗ ମଣୋହି କରାଯାଇଥିଲା। ଉତ୍ଥାପନା ନୀତି ନିମନ୍ତେ ପ୍ରସାଦ ଲାଗି କରାଯାଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ।

## ଗାଡ଼ି ଧକ୍କାରେ ରେଳ ଫାଟକ ଭାଙ୍ଗିଲା



ନିରାକାରପୁର,୫।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଠାରେ ଥିବା ରେଳ ଫାଟକ ଶନିବାର ଏକ କାଠ ବୋଝେଇ ଟାଟା ଏସିଇ ଧକ୍କାରେ ଭାଙ୍ଗିଯାଇଛି। ଫଳରେ ଉଭୟ ପାର୍ଶ୍ୱର ଏକ କିଲୋମିଟର ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ସୂଚନା ମୁତାବକ, ଅପରାହ୍ନ ୫ଟାରେ ଏକ ମାଲବାହୀ ଟ୍ରେନ୍ ଯିବା ପାଇଁ ଉକ୍ତ ଲେଭଲ କ୍ରସିଂ ଗେଟ୍‌ଟି ପଡୁଥିଲା। ଏହି ସମୟରେ ରାମେଶ୍ୱର ପଟୁ ଆସୁଥିବା ଏକ କାଠ ବୋଝେଇ ଟାଟା ଏସିଇ( ଓଡି-୦୨-ବିଏ-୫୮୩୫) ହଠାତ୍ ଗେଟ୍‌କୁ ଧକ୍କା ଦେଇଥିଲା। ଫଳରେ ଗେଟଟି ଭାଙ୍ଗି ଯାଇଥିଲା। ଉଭୟ ପାର୍ଶ୍ୱରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କିଛି ମାସ ମଧ୍ୟରେ ଗାଡ଼ି ଧକ୍କାରେ ୩ଥର ରେଳ ଫାଟକ ଭାଙ୍ଗିଥିବା ନଜର ରହିଛି।

## ନ୍ୟାୟିକ ସହାୟତା ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୫।୧୧(ଡି.ଏନ୍.ଏ.)

ଜଟଣୀ ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ସାଧାରଣ ନାଗରିକଙ୍କୁ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅଧୀନ ୫ନମ୍ବର ୱାର୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସିର ବିଚାରପତି ହିତେଶ୍ରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାଧାରଣ ନାଗରିକ କିପରି ନ୍ୟାୟିକ ବ୍ୟବସ୍ଥାରେ ଆଇନଗତ ସୁବିଧା ପାଇପାରିବେ ସେ ନେଇ ବେହେରା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର କାଜଲ ଦାଶ, ଆଇନଜୀବୀ ଚିତ୍ତରଞ୍ଜନ ଦଳାଇ, ଜଟଣୀ ବାର ଆସୋସିଏଶନ ସମ୍ପାଦକ ବିଜୟ ମହାପାତ୍ର, ସଞ୍ଜୟ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡର ଶତାଧିକ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ।

## ଭଗବତ ଦେବଙ୍କ ମେଳା ମହୋତ୍ସବ ଉଦ୍‌ଯାପିତ

ଗମ୍ଭାରୀମୁଣ୍ଡା,୫।୧୧(ଡି.ଏନ୍.ଏ.)

ବାଣପୁର ବ୍ଲକ ଅନ୍ତର୍ଗତ ପଞ୍ଚୁଗାଁ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଭଗବତ ଦେବଙ୍କ ମେଳା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପ୍ରଥମ ଦିବସରେ ଅଧିବାସ ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଶନିବାର ନାମ ସଙ୍କୀର୍ତ୍ତନ, ବାଦ୍ୟଚର୍ଚ୍ଚା, ନଗର ପରିକ୍ରମା ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଶରଧାପୁର-କେରଙ୍ଗ ମ୍ୟାଚ ଡ୍ର

ଖୋର୍ଦ୍ଧା ଅଫିସ,୫।୧୧

ଖୋର୍ଦ୍ଧା କ୍ରୀଡା ସଂସଦ ଓ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଶରଧାପୁରର ସ୍ପୋର୍ଟ୍ସ ଆସୋସିଏଶନ ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ ଡ୍ର ରହିଥିଲା। ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ଖୁଣ୍ଟିଆ, ଯୋଗେନ୍ଦ୍ର ନାୟକ, ଅରୁଣ କୁମାର ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଫେଣ୍ଡ୍ସ କ୍ଲବ ବେଣାପଞ୍ଜୁରୀ ଓ ଆଦିବାସୀ ଜାଗରଣ କ୍ଲବ ପାଇକଟିଗିରିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦ ସମ୍ପାଦକ ଉପନ୍ଦ୍ରେ ନାଥ ଦାସ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୫।୧୧

### ଆଜି ବଡ଼ଓଷା, ଚଳଚଞ୍ଚଳ ଧବଳେଶ୍ୱର ପୀଠ

ପଞ୍ଚକ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର, ଅତ୍ରି ଏକାଦଶ ରୁଦ୍ର ହଟକେଶ୍ୱର, ଗୋଡା ଲୋକନାଥ ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର, ଚଣ୍ଡେଶ୍ୱର ଶୈବପୀଠ ସମେତ ସମସ୍ତ ପୀଠରେ ଦିନତମାମ ଭକ୍ତଙ୍କ ସମାଗମ ଲାଗି ରହିଛି। ରବିବାର ବଡଓଷା ପାଳନ ହେଉଥିବାରୁ ଚଳଚଞ୍ଚଳ ହୋଇଉଠିଛି ଧବଳେଶ୍ୱର ପୀଠ। କାର୍ତ୍ତିକ ମାସ ବୈକୁଣ୍ଠ ଚତର୍ଦ୍ଦଶୀରେ ବଡଓଷା ଆଡ଼ମ୍ବରରେ ପାଳିତ ହୋଇଥାଏ। ଶ୍ରଦ୍ଧାଳୁ, ମାନସିକଧାରୀ ମହାଦେବଙ୍କ ନିକଟରେ ଅଟକାଳୀ(ହାଣ୍ଡିଭୋଗ) ଭୋଗ କରିଥାନ୍ତି। ଦୁଇବର୍ଷ କୋଭିଡ କଟକଣା ପରେ ଶ୍ରଦ୍ଧାଳୁମାନେ ନିକଟରୁ ଧବଳେଶ୍ୱରଙ୍କ ଦର୍ଶନ କୃପାଲାଭ ସହ ଅଟ୍ଟକାଳୀ ଭୋଗ କରିବାର ସୁଯୋଗ ପାଇବେ। ଏଥିଲାଗି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଦ୍ୱାରରେ ବ୍ୟାରିକେଡ କରାଯାଇଛି। ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ବ୍ୟବସ୍ଥା ରହିଛି। ମନ୍ଦିରରେ ଭୋଗ ପାଇଁ ଟିକେଟ କରାଯାଇଛି। ଭକ୍ତମାନେ ଟିକଟ କରି ମନ୍ଦିରରେ ପ୍ରବେଶ କରିବେ। ଅନ୍ୟ ଦ୍ୱାର ବାଟେ ବାହାରିବେ। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ମଧ ଟ୍ରାଫିକ, ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୌର ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ବଦ୍ରି ନାରାୟଣ ସାହୁ କୁହନ୍ତି, ଏଥିଲାଗି ସମସ୍ତ ପ୍ରସ୍ତୁତି ସରିଛି। ରାତି ୨ଟାରେ ମନ୍ଦିର ଦ୍ୱାରଫିଟା ଯାଇ ଅନ୍ୟାନ୍ୟ ନୀତି ବଢ଼ି ୩ଟାରେ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହେବ। ୪ଟାରେ ଗଜଭୋଗ ଅର୍ପଣ କରାଯିବ। ୯ଟାରେ ଧବଳେଶ୍ୱରଙ୍କୁ ହାଣ୍ଡିଭୋଗ(ଅଟକାଳୀ) ଲାଗି କରାଯିବ। ମାନସିକଧାରୀ ମହାଦେବଙ୍କୁ ଏହି ଭୋଗ ଅର୍ପଣ କରିଥାନ୍ତି। ମଧ୍ୟାହ୍ନରେ ଶଙ୍ଖୁଡି ଭୋଗରେ ଅନ୍ନ, ଡାଲମା, ଖିରି, ପିଠା ଲାଗି କରାଯିବ। ଅପରାହ୍ନ ୨ଟାରୁ ୩ଟା ସ୍ୱଳ୍ପ ସମୟର ପହୁଡ ପରେ ପୁଣି ଦର୍ଶନ ଆରମ୍ଭ ହେବ। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ୧୦ଟାରେ ଶୁଖିଲା ଭୋଗ ଲାଗି କରାଯିବ। ଗବେଷକ ଗୋପାଳ କୃଷ୍ଣ ଦାସ କୁହନ୍ତି, ଏଠାରେ ବଡଓଷା ଯାତ୍ରା ଦୁଇଦିନ ଧରି ଅନୁଷ୍ଠିତ ହୋଇଥାଏ। ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଷ୍ଟଲ ପଡିଛି। ଭୋଗ ସାମଗ୍ରୀ, ଖଇ, କୋରା, ବିଭିନ୍ନ ପ୍ରକାର ମିଠେଇ, ଫାଷ୍ଟଫୁଡ, ଫୁଡଷ୍ଟଲ, ଟେରାକୋଟା, ଘର କରଣା ସାମଗ୍ରୀ, ଘରୋଇ ସାଜସଜ୍ଜା, ବାଉଁଶ ନିର୍ମିତ ସାମଗ୍ରୀ, ପ୍ରସ୍ତରରେ ପ୍ରସ୍ତୁତ ବିଭିନ୍ନ କଳାକୃତି, ପିଲାଙ୍କ ଖେଳଣା ଆଦି ରହିଛି। କେଉଁ ପ୍ରାଚୀନ କାଳରୁ ଏଠାରେ ବଡଓଷା ପାଳିତ ହୋଇଆସୁଛି। ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଦୁଇଦିନ ବ୍ୟାପୀ ଶ୍ରୀଧବଳେଶ୍ୱରଙ୍କ ପୀଠ ଲୋକାରଣ୍ୟ ହୋଇଉଠେ। ମନ୍ତ୍ରଧ୍ୱନିରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।


ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ନଭେମ୍ବର, ୨୦୨୨



## ରାଜମିସ୍ତ୍ରିଙ୍କ ଘର ପୋଡ଼ିଦେଲେ ଦୁର୍ବୃତ୍ତ

କଟକ ସଦର, (ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ରାଉତ୍ରାପୁର ଗ୍ରାମର ରାଜମିସ୍ତ୍ରୀ ଫରାଷ ଖାଁଙ୍କ ଚାଳଘରେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଘରର ଆସବାପତ୍ର ସମେତ ଏକ ବାଇକ, ଓ ସାଇକଲ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଫରାଷ ଶନିବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୨୫୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ସନ୍ଦେହରେ ଜଣକୁ ଥାନାକୁ ଡାକି ପଚରାଉଚରା ଚଳାଇଛି।

### ସଂକ୍ଷେପରେ

## ସୁବାସ ୨ୟ ଥର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନ

ବାଙ୍କୀ, ୫।୧୧(ସ୍ୱ.ପ୍ର): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନରେ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଦ୍ୱିତୀୟ ଥର ପାଇଁ ସଭାପତି ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଶନିବାର ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ପାଖରେ ସେ ପାର୍ଥୀପତ୍ର ଦାଖଲ କରିଥିଲେ। ପାଢ଼ୀ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଥିଲା। ପ୍ରାର୍ଥିପତ୍ର ଦାଖଲ ସମୟରେ ୧୫ଜଣ ନବନିର୍ବାଚିତ ନିର୍ଦ୍ଦେଶକ, ଏନଏସି କାଉନସିଲର ସନାତନ ବେହେରା ଓ ସଞ୍ଜୟ ପୃଷ୍ଟି, ବରିଷ୍ଠ ଓକିଲ ହରେକୃଷ୍ଣ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ବାଙ୍କୀ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାଜ୍ୟ ବିଜେଡି ପର୍ଯ୍ୟବେକ୍ଷକ ଭାବରେ ବିଧାୟକ ତଥା ରାଜ୍ୟ ବିଜୁ ଜନତାଦଳ ସମ୍ପାଦକ ପ୍ରଣବ ପ୍ରକାଶ ବଳବନ୍ତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୁବାସଙ୍କ ନାମ ଘୋଷଣା କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ବିଜେଡିର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ।

## ଟିକରା ଗ୍ରାମରେ ଅଗ୍ନିକାଣ୍ଡ

ଟାଙ୍ଗୀ(କଟକ), ୫।୧୧(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତ ଟିକରା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଗୋଟିଏ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ସପନ କୁମାର ହାତୀଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଚୌଦ୍ୱାରରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସପନ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ତାଙ୍କୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାବାଳିକାଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଧାରଣା

କଟକ ଅଫିସ,୫।୧୧: କଟକ ଜିଲା ନରସିଂହପୁର ଥାନା ଚକ୍ରପ୍ରସାଦ ପାଟଣାର ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅ ଶନିବାର ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଝିଅ ଦଶମ ଶ୍ରେଣୀରେ ପଢୁଛି। ସେ ସ୍କୁଲକୁ ଯିବା ସମୟରେ ଗ୍ରାମର ଜଣେ ଯୁବକ ହଇରାଣ କରୁଛନ୍ତି। ଏପରି କି ଅଶ୍ଳୀଳ ଇଙ୍ଗିତ ସହ କମେଣ୍ଟ କରୁଛନ୍ତି। ଗତ ମାସ ୧୪ ତାରିଖରେ ଝିଅ ସ୍କୁଲକୁ ଯିବା ସମୟରେ ରାସ୍ତାରେ ଅଟକାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଝିଅ ସ୍କୁଲ ନ ଯାଇ ଘରକୁ ଆସି ଉକ୍ତ ବିଷୟରେ ଜଣାଇଥିଲା। ଏଥିଯୋଗୁ ଝିଅ ସ୍କୁଲ ଓ ଟ୍ୟୁଶନ ଯାଇପାରୁନାହିଁ। ଫଳରେ ତା'ର ପାଠପଢ଼ାରେ ବ୍ୟାଘାତ ହେଉଛି। ଝିଅକୁ ସୁରକ୍ଷା ପ୍ରଦାନ ସହ ଘଟଣାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣାରେ ବସିଥିଲେ।

## ବାଙ୍କୀରେ ଅତିରିକ୍ତ ଜିଲା ଜଜ୍ କୋର୍ଟ ଖୋଲାଯାଉ



ବାଙ୍କୀ, ୫।୧୧(ସ୍ୱ.ପ୍ର):ରାଜ୍ୟ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ବାଙ୍କୀ ଗସ୍ତ କରିଥିଲେ। ଏହି ଅବସରରେ ବାଙ୍କୀ ଓକିଲ ସଂଘର କର୍ମକର୍ତ୍ତା ତାଙ୍କୁ ସାକ୍ଷାତ କରି ବାଙ୍କୀରେ ଅତିରିକ୍ତ ଜିଲା ଜଜ୍‌କୋର୍ଟ ଖୋଲିବା, ବାଙ୍କୀ ଉପକାରାଗାରାକୁ ଟାଉନ ମଧ୍ୟରୁ ସ୍ଥାନାନ୍ତର କରାଯାଇ ଦୁର୍ଗାପୁର ମୌଜାରେ କରାଯିବା ସହିତ ବର୍ତ୍ତମାନର ଉପକାରାଗାରର ଜାଗାକୁ ବିଚାର ବିଭାଗ ଅଦାଲତ ପାଇଁ ଦିଆଯିବା, ଓକିଲମାନଙ୍କ ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯିବା ଇତ୍ୟାଦି ଦାବି ଉପସ୍ଥାପନ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ନକଲ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଓକିଲ ସଂଘର ସଭାପତି ଶ୍ରୀନିବାସ ମହାପାତ୍ର, ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ପୂର୍ବତନ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ, ପୂର୍ବତନ ଉପସଭାପତି ସନ୍ତୋଷ କୁମାର ରଣା, ରାଜକିଶୋର ମହାପାତ୍ର, ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି ଓ ପବିତ୍ର କୁମାର ପଟ୍ଟନାୟକ, ପୃଥୀରାଜ ନାରାୟଣ ପଣ୍ଡା, ପ୍ରଦୀପ ମିଶ୍ର, ସୁଭାଶିଷ ମହାପାତ୍ର ଓ ପ୍ରମୋଦ ମହାପାତ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଗୋଷ୍ଠୀ ସଂଘର୍ଷ, ୫ ମହିଳା ଆହତ

### କାଳୀପୂଜାରେ ମେଲୋଡ଼ିକୁ ନେଇ ବିବାଦ ତେଜିଲା

■ ମାମଲା ରୁଜୁ ନ କରି ସମାଧାନ ପ୍ରତିଶ୍ରୁତି ଦେଲା ପୋଲିସ



କାଞ୍ଜିଆପଦା ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

ନରସିଂହପୁର, ୫।୧୧ (ସ୍ୱ.ପ୍ର): କାନପୁର ଥାନା ଅଧୀନ ତାମରା ଓ କାଞ୍ଜିଆପଦା ଗ୍ରାମ ମଧ୍ୟରେ ଗତ କାଳୀପୂଜାରେ ମେଲୋଡ଼ିକୁ ନେଇ ଉପୁଜିଥିବା ବିବାଦ ଥମିଯାଇଥିବା ବେଳେ ପୁଣି ଶନିବାର ମୁଣ୍ଡ ଟେକିଛି। କାନପୁର ପୋଲିସର ଖାମଖିଆଲି ମନୋଭାବ ପାଇଁ ବିବାଦ ପୁଣି ତେଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଉକ୍ତ ଘଟଣାକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ୫ଜଣ ମହିଳା ଆହତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସୂଚନାନୁଯାୟୀ, କାଳୀପୂଜା ରାତିରେ କାଞ୍ଜିଆପଦା ଗ୍ରାମରେ ଏକ ମେଲୋଡ଼ି କାର୍ଯ୍ୟକ୍ରମ ଚାଲିଥିବା ବେଳେ ତାମରା ଗ୍ରାମର କିଛି ଯୁବକ ମଞ୍ଚ ଉପରକୁ ଚଢ଼ି କଳାକାରମାନଙ୍କୁ ଅଭଦ୍ରୋଚିତ ଆଚରଣ କରିଥିଲେ। କାଞ୍ଜିଆପଦା ଗ୍ରାମବାସୀ ଓ ଯୁବକ ସଂଘର ସଦସ୍ୟମାନେ ଏହାକୁ ବାରଣ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ହାତାହାତି ହୋଇଥିଲା। ସେହି ସମୟରେ ଏହାର ଆପୋଷ ସମାଧାନ ହୋଇଥିଲା। ତେବେ ଶନିବାର ସକାଳୁ ତାମରା ଗ୍ରାମର ଜଣେ ଯୁବକ କାଞ୍ଜିଆପଦା ଗ୍ରାମକୁ ସାର କିଣିବା ପାଇଁ ଯାଇଥିବା ବେଳେ କିଛି ଯୁବକଙ୍କ ସହିତ ବଚସା ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଯୁବକ ନିଜ ଗ୍ରାମକୁ ଫୋନ କରିବାରୁ ତାମରାର କିଛି ଯୁବକ କାଞ୍ଜିଆପଦାକୁ ଆସି ଗାଳିଗୁଳଜ କରିବା ସହ ଧମକ ଚମକ ଦେଇଥିଲେ। ଏହାକୁ ବିରୋଧ କରି କାଞ୍ଜିଆପଦାର କିଛି ମହିଳା ଥାନାକୁ ଅଭିଯୋଗ କରିବାକୁ ଯାଉଥିବା ବେଳେ ତାମରା ଗ୍ରାମର କିଛି ଯୁବକ ସେମାନଙ୍କୁ ଅଟକାଇ ଅଭଦ୍ର ଭାଷାରେ ଗାଳିଗୁଳଜ କରିବା ସହିତ ମାଡ଼ ମାରିଥିଲେ। ଏଥିରେ ୫ଜଣ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରି ରାସ୍ତାରୋକୋ କରିଥିଲେ। ଦୀର୍ଘ ସମୟ ପରେ କାନପୁର ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୦ ତାରିଖ ଦିନ ଉଭୟ ପକ୍ଷଙ୍କୁ ନେଇ ଏକ ବୈଠକ କରାଯିବା ସହ ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଉଭୟ ପକ୍ଷରୁ କାନପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ଅଭିଯୋଗ ପୋଲିସ ମାମଲା ପଞ୍ଜୀକୃତ କରିନଥିବା ଜଣାପଡ଼ିଛି। ଆସନ୍ତା ୧୦ ତାରିଖ ଦିନ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ କରାଯିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ବିବାଦ ପାଇଁ କାନପୁର ଥାନାର ଜଣେ ପୋଲିସ ଅଧିକାରୀ ଦାୟୀ ବୋଲି ଆହତ ମହିଳା ସୁମତି ଜେନା, ରୋଜି ପ୍ରଧାନ, ମଞ୍ଜୁ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ମହିଳାମାନଙ୍କୁ ଆକ୍ରମଣ କରିଥିବା ଯୁବକମାନଙ୍କୁ ଗିରଫ କରା ନ ଗଲେ ପୁନର୍ବାର ରାସ୍ତାରୋକୋ କରାଯିବ ବୋଲି କାଞ୍ଜିଆପଦା ଗ୍ରାମ ସଭାପତି ସୁଧାକର ପଣ୍ଡା କହିଛନ୍ତି । ପୋଲିସ ଯଦି କାଳୀପୂଜା ଦିନ ହୋଇଥିବା ବିବାଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତେବେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ସାମାଜିକ କର୍ମୀ ଅନନ୍ତ ଚରଣ ରାଉତ କହିଛନ୍ତି ।

## ବୌଦ୍ଧ ଧର୍ମଗୁରୁଙ୍କ ବିଶ୍ୱଶାନ୍ତି ପଦଯାତ୍ରା

ନିଶ୍ଚିନ୍ତକୋଇଲି, ୫।୧୧(ସ୍ୱ.ପ୍ର): ଧଉଳି ଶାନ୍ତିସ୍ତୁପର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ବୌଦ୍ଧ ଧର୍ମଗୁରୁମାନଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତରେ ଧର୍ମ ବିଜୟ ବିଶ୍ୱଶାନ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାପାନ ଧର୍ମଗୁରୁ ଜୁନସେଇ ତେରାସାୱା, କାଜାକସ୍ଥାନ ଧର୍ମଗୁରୁ ଆଲେକ୍ସି, ନେପାଳ ଧର୍ମଗୁରୁ ବିବେକ ବୋମଜାନ ପଖ୍ରୀନ ସଦା, ମହାରାଷ୍ଟ୍ର ସମ୍ରାଟ ହରି ସୋଡାୱତେ, ବିନୋଦ ମଲ୍ଲାରୀ ସେଡାୱତେ, ଉତ୍ତରାଖଣ୍ଡର କାମଲ କିଶୋର ଭଟଙ୍କ, ହିମାଚଳ ପ୍ରଦେଶର ଦିପକ ଠାକୁର ପ୍ରମୁଖ ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁରଠାରେ ଥିବା ତଥାଗତ ବୁଦ୍ଧବିହାର ପରିଦର୍ଶନରେ ଆସିଥିଲେ। ବୌଦ୍ଧ ବିହାରରୁ ଧର୍ମ ବିଜୟ ବିଶ୍ୱଶାନ୍ତି ପଦଯାତ୍ରା ବାହାର କରାଯାଇ ସମଗ୍ର ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଏହି ଅବସରରେ ମହମ୍ମଦପୁର ବୌଦ୍ଧ ସଂଘ ଦ୍ୱାରା ହୋଇଥିବା ୱେବସାଇଟ ଉନ୍ମୋଚନ କରାଯାଇଥିଲା। ଏହି ପଦଯାତ୍ରାରେ ମହମ୍ମଦପୁର ବୌଦ୍ଧ ସଙ୍ଘର ସଭାପତି ବାବାଜି ଚରଣ ପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ସହସମ୍ପାଦକ ଅଭିମନ୍ୟୁ ପାତ୍ର, ଗଙ୍ଗାଧର ଦେବତା, ଭ୍ରମରବର ଦେବତା, ଦୁର୍ଯ୍ୟୋଧନ ପାତ୍ର, ପ୍ରଦିପ୍ତ ପରମାଣିକ, ଭୃଗୁକୁମାର ପାତ୍ରଙ୍କ ସମେତ ଗ୍ରାମର ସମସ୍ତ ଉପାସକ ଉପାସିକା ଯୋଗ ଦେଇଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ତିଗିରିଆ, ୫।୧୧ (ଡି.ଏନ୍.ଏ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଲି ପଞ୍ଚାୟତରେ ବିତ୍ତୀୟ ସମାବେଶ ମାଧ୍ୟମରେ ସଶକ୍ତିକରଣ ଓ ଗ୍ରାମପଞ୍ଚାୟସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ମାଣିଆବନ୍ଧ ଶାଖା ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ମିତା ଜେନା, ନାଏବ ସରପଞ୍ଚ ଶରତ ସାହୁ ଓ ସବୁ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଶାଖା ପରିଚାଳକ ଗୋବିନ୍ଦ ଦାସ ଓ କୋଷାଧ୍ୟକ୍ଷ ଶୁଭସନ୍ତକ ଗଡ଼ନାୟକ ଯୋଗ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁମାନଙ୍କର ବ୍ୟାଙ୍କ ଖାତା ନାହିଁ ସେମାନେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ବ୍ୟାଙ୍କ ଖାତା ଖୋଲିବା, ଆକାଉଣ୍ଟଗୁଡ଼ିକୁ ମୋବାଇଲ, ଆଧାର ସଂଯୋଗ କରିବା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ କ୍ରେଡିଟ ଲିଙ୍କ ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ଯୋଜନାର ଫାଇଦା ଉଠାଇବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ସାହୁ, ଗତିକୃଷ୍ଣ ସାହୁ, ରିତାଲି ସିଂ ପ୍ରମୁଖ ଯୋଗଦେଇଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କର



ସମୀକ୍ଷା ବୈଠକରେ ବିଧାୟକ ପ୍ରତାପ ଜେନାଙ୍କ ସହ ବିଭାଗୀୟ ଅଧିକାରୀମାନେ ।

### ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ନିଶ୍ଚିନ୍ତକୋଇଲି,୫।୧୧(ସ୍ୱ.ପ୍ର.) କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଶନିବାର ମାହାଙ୍ଗା ବିଧାୟକ ପ୍ରତାପ ଜେନା ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକର ସମସ୍ତ ବିଭାଗକୁ ନେଇ ଏକ ସମୀକ୍ଷା ବୈଠକ ଡାକିଥିଲେ। ଏଥିରେ ବ୍ଲକ ଅଧକ୍ଷା ରୋଜି ସେଠୀ ସଭାପତିତ୍ୱ କରିଥିଲେ। ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ଆଦର୍ଶ ପୋଖରୀ, ପରିମଳ ବ୍ୟବସ୍ଥା, ଅଙ୍ଗନୱାଡି ଓ ସ୍କୁଲ ଗୃହ ସମେତ ରାସ୍ତାଘାଟର ଉନ୍ନତୀକରଣ ଉପରେ ବିଧାୟକ ଜୋର ଦେଇଥିଲେ। ନିଶ୍ଚିନ୍ତକୋଇଲି, ସରପଡା, ନଟକାଇ, କଟିକେଟା, ବାଲିଆପଦା, ବରାଦୋ, ଜିମ୍ପିପୁର ଆଦି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଆଖିଦୃଶିଆ ହୋଇ ନ ଥିବା ଲୋକପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ତୁରନ୍ତ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା ଓ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ବିଧାୟକ ଜେନା ନିର୍ଦ୍ଦେଶ ଦେଇଥିଲେ। ପଞ୍ଚଦଶ ଅର୍ଥ କମିଶନ ଓ ପଞ୍ଚମ ଅର୍ଥ କମିଶନର ସୁବିନିଯୋଗ, ୫-ଟି ସ୍କୁଲଗୁଡିକ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ବିଧାୟକ ଜେନା ପରାମର୍ଶ ଦେଇଥିଲେ। ବୈଠକରେ ଉପାଧ୍ୟକ୍ଷ ଅଶୋକ ଓଝା, ଜିଲା ପରିଷଦ ସଭ୍ୟ ବିପ୍ଳବ କାପ, ଭୂପତି ଭୂଷଣ ଷଣ୍ଢ, ଗିରୀଶ ମହାପାତ୍ର, ରମାକାନ୍ତ ମହାନ୍ତି, ଜନ୍ମେଜୟ ରାଉତ, ସୁଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଗଙ୍ଗାଧର ବେଶରେ ବାବା ଧବଳେଶ୍ୱର

### ଆଜି ବଡ଼ଓଷା, ମଧ୍ୟରାତ୍ରରୁ ବାହାରିବ ଗଜଭୋଗ

ଖୁଣ୍ଟୁଣୀ, ୫।୧୧(ଡି.ଏନ.ଏ): ବାବା ଧବଳେଶ୍ୱର ଶନିବାର ପଞ୍ଚକର ଦ୍ୱିତୀୟ ଦିନରେ ଗଙ୍ଗାଧର ବେଶରେ ସଜ୍ଜିତ ହୋଇଥିଲେ। ଭୋର ୫ଟାରେ ପୂଜକ ଅଜୟ ପତ୍ରି ଓ ନୀତି ପାଳିଆ ପୂଜକମାନେ ପ୍ରଭୁଙ୍କ ପହଡ଼ ଭାଙ୍ଗିବାକୁ ପ୍ରଥମେ ମଙ୍ଗଳ ଆଳତି, ପରେ ସ୍ନାନ ନୀତି କରି ଗଙ୍ଗାଧର ବେଶରେ ସଜ୍ଜିତ କରିଥିଲେ । ଏହାପରେ ବିଭିନ୍ନ ବ୍ୟଞ୍ଜନରେ ତିଆରି ପ୍ରସାଦ ଭୋଗ ଓ ଧୂପ ଦେଇ ବଲ୍ଲଭ ଭୋଗ କରିଥିଲେ। ଆସନ୍ତାକାଲି ରବିବାର ବାବାଙ୍କ ପ୍ରସିଦ୍ଧ ବଡ଼ଓଷା । ରବିବାର ମଧ୍ୟରାତ୍ରରୁ ଗଜଭୋଗ ଓ ତରଣ ନିଷ୍ଠାର ସହିତ ପ୍ରସ୍ତୁତ ହୋଇ ଧବଳେଶ୍ୱରଙ୍କ ନିକଟରେ ଭୋଗ ଲାଗିବା ପରେ ସୋମବାର ଭୋର ୫ଟାରୁ ଭୋଗ ବଣ୍ଟନ ହେବ। ପାଇକେରାପୁରଠାରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ ନିକଟରେ ଏହି ଗଜ ଭୋଗ ପୂଜକମାନେ ବଣ୍ଟନ କରିବେ। ବଡ଼ଓଷାରେ ବାବା ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ହେବ।

## ଦୁର୍ଘଟଣାରେ ଛାତ୍ର ଗୁରୁତର

ନିଶ୍ଚିନ୍ତକୋଇଲି, ୫।୧୧(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ବାଇକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେ ହେଉଛନ୍ତି ନିଶ୍ଚିନ୍ତକୋଇଲି ଗ୍ରାମର ଶୁଭେନ୍ଦୁ କୁମାର ଭୋଇ(୭)। ସ୍କୁଲରୁ ଫେରୁଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ।

## କାର୍ତ୍ତିକ ମହୋତ୍ସବ ପରମ୍ପରା ପରିପ୍ରକାଶର ମାଧ୍ୟମ





ରଗଡ଼ି କାର୍ତ୍ତିକ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ବାଙ୍କୀ ୫।୧୧(ସ୍ୱ.ପ୍ର) ରଗଡ଼ି କାର୍ତ୍ତିକ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ କହିଲେ ଯେ, କାର୍ତ୍ତିକ ମହୋତ୍ସବ ଆମର ପରମ୍ପରା ଓ ସଂସ୍କୃତିର ପରିପ୍ରକାଶ ନିମନ୍ତେ ଏକ ଉପଯୁକ୍ତ ମାଧ୍ୟମ। ଭାଇଚାରା ଭିତ୍ତିରେ ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମ ସରସସୁନ୍ଦର ଓ ଉତ୍ସବମୁଖର ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡମପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଅସିତ ବରଣ ପଟ୍ଟନାୟକ ଯୋଗଦେଇ କହିଲେ ଏହି ମହୋତ୍ସବ ମାଧ୍ୟମରେ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତିର ପରିପ୍ରକାଶ ହୋଇପାରିବ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବାବୁଲି ଦଳେଇ, ଗଗନବିହାରୀ ପଟ୍ଟନାୟକ, ଅବସରପ୍ରାପ୍ତ ବିଚାରପତି ରାମଚନ୍ଦ୍ର ଦାଶ, ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ରଗଡି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରାଣୀ ଚିକିତ୍ସା ବିଭାଗର ଉପନିର୍ଦ୍ଦେଶକ ସ୍ୱରୂପ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମଲା ସଂଘର ଗ୍ରେଡ୍ ପେ ବୃଦ୍ଧି କରାଯାଉ

ବଡ଼ମ୍ବା, ୫।୧୧ (ଡି.ଏନ.ଏ.): ଓଡ଼ିଶା ଅମଲା ସଂଘ ବଡ଼ମ୍ବା ଶାଖା ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ପାଦକ ଦୀପକ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ମୋହିତ କୁମାର ଦାଶ ଓ ଉପଦେଷ୍ଟା ଚିତ୍ତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସଭା ବଡ଼ମ୍ବା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୧୭ରୁ ଓଡିଶା ସରକାର ଅମଲାମାନଙ୍କ ଯୋଗ୍ୟତା ସ୍ନାତକ କରିଥିଲେ ମଧ୍ୟ ସେମାନଙ୍କର ଗ୍ରେଡ ପେ' ୪୨୦୦ ଟଙ୍କା ପରିବର୍ତ୍ତେ ୧୯୦୦ ଟଙ୍କା ଦେଇଆସୁଛନ୍ତି। +୨ ଯୋଗ୍ୟତା ଥାଇ ଅନ୍ୟ ବର୍ଗର କର୍ମଚାରୀମାନଙ୍କୁ ଅଧିକ ବେତନ ଦେଉଥିବାବେଳେ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି ବୋଲି ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଯାଇଛି। ତେଣୁ ଗ୍ରେଡ୍ ପେ' ବୃଦ୍ଧି କରିବା ଦାବି ନେଇ ୧୫ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହିତ ୨୭ ତାରିଖରେ ଭୁବନେଶ୍ୱରରେ ଆୟୋଜନ ହେଉଥିବା ବିଶାଳ କର୍ମଚାରୀ ସମାବେଶରେ ସାମିଲ ହେବା ପାଇଁ ସମସ୍ତ ସଭ୍ୟ ସଂକଳ୍ପ ନେଇଥିଲେ। ବଡ଼ମ୍ବା ତହସିଲ, ବ୍ଲକ, ସବ ରେଜିଷ୍ଟର, କଲେଜ, ସିଡିପିଓ, ମେଡିକାଲ ଓ ଶିକ୍ଷା ବିଭାଗର ସମସ୍ତ ଅମଲାମାନେ ବୈଠକରେ ଯୋଗଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଗିରଫ

ତିଗିରିଆ,୫।୧୧(ଡି.ଏନ୍.ଏ.): ତିଗିରିଆ ଥାନା ହାଟମାଳ ପଞ୍ଚାୟତ ନନ୍ଦପୁର ଛକରେ ଗୁରୁବାର ଫାଷ୍ଟ ଫୁଡ୍ ଦୋକାନରେ ଖାଉଥିବା ସମୟରେ ବଚସା ହେବାରୁ ବାଙ୍କୀ ଥାନା ପାଳପୁଟ ଗ୍ରାମର ଶ୍ରୀଧର ପରିଡାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଶନିବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ବାଉରି ସାହିର ବିଜୟ ଆଚାର୍ଯ୍ୟ ଓ ଜଗବନ୍ଧୁ ବେହେରା। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।

## ମାଗୁରା ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଟାଙ୍ଗୀ(କଟକ), ୫।୧୧(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମାଗୁରା ପଞ୍ଚାୟତ ଖେଳ ପଡ଼ିଆରେ ଶନିବାର ଏମ୍.ପି.ଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ରଶ୍ମିରଞ୍ଜନ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ସଭାପତି ନୀଳକଣ୍ଠ ବ୍ରହ୍ମା ଯୋଗଦେଇଥିଲେ। ତିନିଦିନ ଚାଲିବାକୁ ଥିବା ଖେଳରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ପଞ୍ଚାୟତ ବିଜେଡି ସଭାପତି ନକୁଳ ରାଉତ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ହାତୀ ଉପସ୍ଥିତ ଥିଲେ। ପବିତ୍ର ହାତୀ, ମନମୋହନ ଓଝା, କାହ୍ନୁ ଚରଣ ବେହେରା, ରାଜେଶ ବେହେରା, ବିଷ୍ଣୁ ଚରଣ ହାତୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରି କରିଥିଲେ।

## ଅଂଶୁପା ଜଳ ନିଷ୍କାସନ ହୋଇ ଚାଷ ଜମିରେ ବନ୍ୟା



ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଅଂଶୁପା ଉନ୍ନୟନ କମିଟି ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି ।

### ବନ୍ଧ ସୁଦୃଢ଼ କରିବା ପାଇଁ ସ୍ମାରକପତ୍ର

ବାଙ୍କୀ,୫।୧୧(ସ୍ୱ.ପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗ ଅଧୀନ ସୁବର୍ଣ୍ଣପୁର ପଞ୍ଚାୟତକୁ ସଂଯୋଗ କରୁଥିବା ମହାନ୍ତି ଘାଇ ବନ୍ଧ ଦେଇ ଅଂଶୁପା ହ୍ରଦରୁ ଅହରହ ଜଳ ନିଷ୍କାସନ ହେଉଥିବାରୁ ହଜାର ଏକରରୁ ଅଧିକ ଚାଷ ଜମିରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ମହାନ୍ତି ଘାଇରେ ସ୍ଲୁଇସ ଗେଟ୍ ନିର୍ମାଣ କରି ଜଳ ସଂରକ୍ଷଣ ଓ ଅଂଶୁପା ବନ୍ଧକୁ ସୁଦୃଢ଼ କରିବା ଲାଗି ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ଓ ଚାଷୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୧୦ ବର୍ଷ ତଳେ ବନ୍ୟାରେ ଅଂଶୁପା ବନ୍ଧ ଭାଙ୍ଗି ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ଉକ୍ତ ବନ୍ଧରେ ସୃଷ୍ଟି ହୋଇଥିବା ଗୋଡ଼ି ଘାଇରେ ସ୍ଥାୟୀ ବନ୍ଧ ନିର୍ମାଣ କରାଯାଇଥିଲା । କିନ୍ତୁ ମହାନ୍ତି ଘାଇରେ ଗେଟ ଲଗାଇ ବନ୍ଧ ନିର୍ମାଣ କରାନଯିବାରୁ ନିକଟସ୍ଥ ଚାଷ ଜମିକୁ ଅହରହ ଅଂଶୁପା ପାଣି ନଷ୍କାସନ ହେଉଛି । ଫଳରେ ସରଣ୍ଡା ଓ ଆଖପାଖ ଅଞ୍ଚଳ ସୁବର୍ଣ୍ଣପୁର, ଆନନ୍ଦପୁର, ବିଷ୍ଣୁପୁର, କଦଳୀବାଡ଼ି, ମାଳିବିହାରପୁର ଆଦି ଅଞ୍ଚଳର ୧ହଜାରରୁ ଅଧିକ ଚାଷଜମି ସବୁବେଳେ ଜଳମଗ୍ନ ହୋଇ ରହୁଛି । ଏ ନେଇ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ଓ ଚାଷୀମାନେ ବିଧାୟକ ତ୍ରିପାଠୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ସହ ମହାନ୍ତି ଘାଇରେ ସ୍ଲୁଇସ ଗେଟ ଲଗାଇବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଅଂଶୁପା ଜଳ ସଂରକ୍ଷଣ ହେବା ସହ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଚାଷୀ ଭରତ ଚନ୍ଦ୍ର ମହାପାତ୍ର, ଶ୍ରୀନିବାସ ପଣ୍ଡା, ବନବିହାରୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା, ଅଂଶୁପା ଉନ୍ନୟନ କମିଟି ସଭାପତି ଗତିକୃଷ୍ଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ତରୁଣକାନ୍ତ ମହାପାତ୍ର, ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ସମ୍ପାଦକ ଗନ୍ଧର୍ବ ଦଳେଇ, ସଭ୍ୟ ବିଜୟ ଖଟୁଆ, ଧଡି ଦଳେଇ, ସୁବର୍ଣ୍ଣପୁର ଗ୍ରାମର ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ଦଳେଇ, କଦଳୀବାଡି ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର ଖଟୁଆ, ଓଡ଼ିଆ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ପ୍ରମୁଖ ବିଧାୟକଙ୍କୁ ଅବଗତ କରାଇଛନ୍ତି ।

**କଣାସରେ ମ୍ୟାଲେରିଆ ଆତଙ୍କ**

କଣାସ,୫।୧୧(ସ୍ୱ.ପ୍ର.): କଣାସ ବ୍ଲକର ୨୮ ପଞ୍ଚାୟତକୁ ନଦୀ ନାଳ କେନାଲ ଘେରି ରହିଛି। ସେଗୁଡିକରେ ଦଳ ଭର୍ତ୍ତି ହୋଇଥିବାରୁ ମଶାଙ୍କ ଆତଙ୍କ ବୃଦ୍ଧି ପାଇଛି। ଏପରି କି ଗୃହପାଳିତ ପଶୁଙ୍କ ପାଇଁ ଚାଷୀମାନେ ମଶାରିର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଛି। କିଛିଦିନ ହେଲା ସାତ ଆଠଜଣ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତେବେ ସିରେଇ ପଞ୍ଚାୟତ ରାହାନ୍ଦିଆ ଗ୍ରାମର ଦୀପକ ପେଣ୍ଟୋଇଙ୍କ ୪ ଦିନ ଜ୍ୱର ନ ଛାଡିବାରୁ ଶନିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରିଥିଲେ। ସେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।






୫।୧୧।୨୦୨୨

| | |
|---|---|
| ୧୧, ୩୬, ୫୯୨ ଟଙ୍କା | |
| ସୁନା | ୪.୪୫୦ ଗ୍ରାମ |
| ରୁପା | ୧୧୦ ଗ୍ରାମ |

## ସଂକ୍ଷେପରେ

### ହୋଟେଲରେ ପଶି ଯୁବକଙ୍କ ଉନ୍ମତ୍ତକାଣ୍ଡ

ନିମାପଡ଼ା,୫।୧୧(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ହରିଶିପୁର ଗ୍ରାମର ଜଣେ ଯୁବକ ଶୁକ୍ରବାର ଖେଲାର ବଜାରରେ ଥିବା ତୃପ୍ତିରଞ୍ଜନ ଛାଟୋଇଙ୍କ ହୋଟେଲରେ ତାଙ୍କ ଅନୁପସ୍ଥିତିରେ ପଶି ସେଠାରେ ଆତଙ୍କ ସୃଷ୍ଟି କରିଥିଲେ। ସେ ହେଲେ ଅମୂଲ୍ୟ ଜେନା। ହାତରେ ଏକ ଲୁହା ରଡ୍ ଧରି ମାଲିକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ବିଭିନ୍ନ ଆସବାବପତ୍ରକୁ ରଡରେ ପିଟି ଭାଙ୍ଗିଦେଇଥିଲେ। ଏହି ସମୟରେ ତାଙ୍କୁ ୭୦ ବର୍ଷୀୟ ବ୍ୟକ୍ତି ହିମାଞ୍ଚଳ ସାହୁ ପ୍ରତିବାଦ କରିବାରୁ ସେ ଉକ୍ତ ବ୍ୟକ୍ତିଙ୍କୁ ରଡ୍‌ରେ ପିଟି ଆକ୍ରମଣ କରିଥିଲେ। ଏଥିସହ ହୋଟେଲର କ୍ୟାଶ୍ ବାକ୍ସ ଭାଙ୍ଗି ୫ ହଜାର ୨ଶହ ଟଙ୍କା ଲୁଟି ନେଇଥିଲେ। ଏନେଇ ତୃପ୍ତିରଞ୍ଜନ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଦଫା ୩୪୧, ୨୯୪, ୩୨୩, ୩୨୫, ୪୨୭, ୩୭୯, ୫୦୬ରେ ମାମଲା (ନଂ. ୩୭୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅମୂଲ୍ୟଙ୍କ ଆକ୍ରମଣରେ ବୃଦ୍ଧ ଜଣଙ୍କ ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି।

### ମହାପ୍ରଭୁଙ୍କ ଦର୍ଶନ କଲେ ଆଇନ ମନ୍ତ୍ରୀ

ପୁରୀ ଅଫିସ,୫।୧୧ - ରାଜ୍ୟ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। କାର୍ତ୍ତିକ ମାସର ପଞ୍ଚୁକର ଦ୍ୱିତୀୟ ଦିବସରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଶ୍ରୀମନ୍ଦିର ଯାଇ ରତ୍ନସିଂହାସନ ଚତୁର୍ଦ୍ଧାବିଗ୍ରହଙ୍କ ବାଙ୍କଚୂଡ଼ା ବେଶ ଦର୍ଶନ କରି ସାନ୍ନିଧ ଲାଭ କରିଛନ୍ତି। ମହାପ୍ରଭୁଙ୍କ ଅନନ୍ୟ ତଥା ବେଶ ବାଙ୍କଚୂଡ ବେଶ ଦେଖି ମନ୍ତ୍ରୀ ସାରକା ବେଶ୍ ଖୁସି ହୋଇଥିବା ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା ସୁନ୍ଦର ଭାବେ ଚାଲିଛି ଓ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବାୟତମାନେ ଶୃଙ୍ଖଳିତ ଭାବେ ସେବାପୂଜା କରୁଛନ୍ତି। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ସମସ୍ୟା ନାହିଁ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ଉପରେ ମନ୍ତ୍ରୀଙ୍କୁ ପଚାରିବାରେ ରତ୍ନ ଭଣ୍ଡାର ଖୋଲିବାରେ କିଛି ଅସୁବିଧା ନାହିଁ। ସରକାରଙ୍କ ଆଇନ ଭିତରେ ଆଉ ମହାପ୍ରଭୁଙ୍କର ଯାହା ଇଚ୍ଛା ତାହା ହିଁ ହେବ। ଜନସାଧାରଣଙ୍କ ତରଫରୁ ଆଉ ସରକାରଙ୍କ ତରଫରୁ ଯେବେ ଗୋଟେ ନୀତି ନିର୍ଦ୍ଧାରଣ ହେବ ସେହିଦିନ ରତ୍ନଭଣ୍ଡାର ଖୋଲିବ। ଏଏସ୍‌ଆଇ ଚିଠି ଦେଇଛି। ଏହାର ତର୍ଜମା ଚାଲିଛ, ତର୍ଜମା ପରେ ରତ୍ନଭଣ୍ଡାର ଖୋଲିବା ଉପରେ ନିଷ୍ପତ୍ତି ହେବ ବୋଲି ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି।

# ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୧୦୦ ବରିଷ୍ଠ ଅଧିକାରୀ

- ୧୦ରେ ମହାପ୍ରଭୁଙ୍କ ଦର୍ଶନ କରିବେ
- ୧୦ ଅତିରିକ୍ତ ଏସ୍‌ପି, ୩୦ପ୍ଲାଟୁନ୍ ଫୋର୍ସ ମୁତୟନ

ପୁରୀ ଅଫିସ,୫।୧୧

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଝିଅ ଭାବେ ମୁର୍ମୁ ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ପ୍ରଥମ ଓଡ଼ିଶା ଗସ୍ତ। ଏହି ଦୁଇଦିନିଆ ଓଡ଼ିଶା ଗସ୍ତ ମଧ୍ୟରେ ୧୦ତାରିଖ ତଥା ଗସ୍ତର ପ୍ରଥମଦିନ ରାଷ୍ଟ୍ରପତି ମୁର୍ମୁ ପୁରୀ ଗସ୍ତ କରି ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶନିବାର ସନ୍ଧ୍ୟାରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ବା ସର୍କିଟ୍ ହାଉସରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବର୍ମା ସମସ୍ତ ଅଧିକାରୀଙ୍କ ସହ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ତାଳବଣିଆ ହେଲିପ୍ୟାଡ୍, ରାଜଭବନ ଏବଂ ଶ୍ରୀମନ୍ଦିର ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଓ ପ୍ରୋଟୋକଲ ବିଷୟରେ ଆଲୋଚନା କରିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଗସ୍ତ ନେଇ ଶନିବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଏ ନେଇ ଜିଲାପାଳ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ସୁରୁଖୁରୁରେ କରିବା ପାଇଁ ବୈଠକରେ ସମ୍ପୂର୍ଣ୍ଣ ଭାବେ ଆଲୋଚନା କରାଯାଇଛି। ବିଭିନ୍ନ ଲୋକେଶନ ଯେପରି ହେଲିପ୍ୟାଡ, ରାଜ ଭବନ, ଶ୍ରୀମନ୍ଦିର ବାହାର, ଶ୍ରୀମନ୍ଦିର ପରିସରରେ ସମସ୍ତ ସ୍ଥାନ ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯାଉଛି। ସମସ୍ତ ସ୍ଥାନରେ ନୋଡାଲ ଅଫିସର ନିଯୁକ୍ତ ରହିବେ। ଯେଉଁ ନୋଡାଲ ଅଫିସର ନିୟୋଜିତ ହେବେ ଜିଲାପାଳ ସେମାନଙ୍କୁ କାର୍ଯ୍ୟ ବିଷୟରେ ଅବଗତ କରାଇଛନ୍ତି। ସେହିପରି ଏସ୍‌ପି କେ. ବିଶାଲ ସିଂ କହିଛନ୍ତି, ପୂର୍ବରୁ ଯେପରି ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ରହିଥିଲା ଠିକ୍ ସେହିଭଳି ପ୍ରୋଟୋକଲ ବ୍ୟବସ୍ଥା କରାଯିବ। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସମସ୍ତ ପୋଲିସ ବ୍ୟବସ୍ଥାକୁ ସିନିୟର ପୋଲିସ ଅଧିକାରୀମାନେ ତଦାରଖ କରିବେ। ପୋଲିସ ପ୍ରଶାସନ ପକ୍ଷରୁ ପାଖାପାଖି ୩୦ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ୧୦୦ଜଣ ବରିଷ୍ଠ ଅଧିକାରୀ ଏବଂ ୧୦ଜଣ ଅତିରିକ୍ତ ଏସ୍‌ପି ସୁରକ୍ଷା ଦାୟିତ୍ୱରେ ରହିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେପରି ସ୍ଥାନୀୟ ଲୋକଙ୍କ ଯାତାୟାତରେ କୌଣସି ଅସୁବିଧା ବା ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପାଇଁ ଦୃଷ୍ଟି ଦିଆଯାଇଛି ବୋଲି ଏସ୍‌ପି ସିଂ କହିଛନ୍ତି। ସେହିପରି ତାଳବଣିଆ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା, ଗମନାଗମନ, ଖାଦ୍ୟ, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ରାଜଭବନର ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ସିଡିଏମ୍‌ଓ ଡା.ସୁଜାତା ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହରିଙ୍କ ପରେ ବାହନ ଗରୁଡ଼ ନିଦରୁ ଉଠିଲେ

### ଶ୍ରୀମନ୍ଦିରରେ ଗରୁଡ଼ଙ୍କ ଉତ୍ଥାପନା ନୀତି ସମ୍ପନ୍ନ

ପୁରୀ ଅଫିସ,୫।୧୧

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥି ଶନିବାର ଅବସରରେ ଗରୁଡ଼ ଉତ୍ଥାପନା ନୀତି ସମ୍ପନ୍ନ ହୋଇଛି। ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ଶ୍ରୀହରି(ମହାପ୍ରଭୁ) ଉତ୍ଥାପନା ନୀତି ସମ୍ପନ୍ନ ହୋଇଥିବା ବେଳେ କାର୍ତ୍ତିକ ଦ୍ୱାଦଶୀରେ ଗରୁଡ଼ ଉତ୍ଥାପନା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ନିଦ୍ରାରୁ ଉଠିବା ପରେ ମହାପ୍ରଭୁଙ୍କ ବାହାନ ଗରୁଡ଼ ଦ୍ୱାଦଶୀ ତିଥିରେ ନିଦ୍ରାରୁ ଉଠିଛନ୍ତି। ଶ୍ରୀମନ୍ଦିରରେ ଦ୍ୱାଦଶୀ ତିଥି ଅବସରରେ ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ପରେ ମହାସ୍ନାନ, ବେଶବଢ଼ି ମଧାହ୍ନ ଧୂପ ହୋଇଥିଲା। ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ସରିଲା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା। ଏହା ପୂର୍ବରୁ ଚୂନରା ସେବକ ଗରୁଡଙ୍କୁ ମଇଲମ କରିଥିଲେ। ପୂଜା ଠା' ପରେ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କୁ ମହାସ୍ନାନ କରିଥିଲେ। ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୂଆ ଆଦି ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ଲଗାଯାଇ ବେଶ କରିଥିଲେ। ପରେ ପାଣିପଡ଼ି ପଞ୍ଚ ଉପଚାରରେ ଶୀତଳଭୋଗ ମଣୋହି କରାଯାଇଥିଲା। ଉତ୍ଥାପନା ନୀତି ନିମନ୍ତେ ପ୍ରସାଦ ଲାଗି କରାଯାଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ।

# ନବକଳେବର ଐତିହ୍ୟ ପୁସ୍ତକର ବଙ୍ଗଳା ଭାଷା ଲୋକାର୍ପିତ




ପୁରୀ ଅଫିସ, ୫।୧୧

ଆଧାତ୍ମିକ ଜାଗରଣ କାର୍ଯ୍ୟକ୍ରମରେ ଐତିହ୍ୟ ବିଷାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ନବକଳେବର ଐତିହ୍ୟ ପୁସ୍ତକର ବଙ୍ଗଳା ଭାଷାନ୍ତର ଲୋକାର୍ପିତ ଶନିବାର ସ୍ଥାନୀୟ ୟୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଦାର୍ଶନିକ ଆଚାର୍ଯ୍ୟ କେଶବ ଚନ୍ଦ୍ର ଦାଶ ପୁସ୍ତକକୁ ଲୋକାର୍ପିତ କରିଥିଲେ। ପୁସ୍ତକର ବଙ୍ଗଳା ଭାଷାନ୍ତର କରିଛନ୍ତି ଶ୍ରେୟା ହାଲଦାର। ପୁସ୍ତକ ପ୍ରକାଶ କରିଛନ୍ତି ନଦିଆ ଜିଲାର କଲ୍ୟାଣୀ ସହରର ସୁଦର୍ଶନ ପ୍ରକାଶନ। ମୂଳ ଓଡ଼ିଆ ପ୍ରକାଶ କରିଥିଲେ ଭୁବନେଶ୍ୱରର ପକ୍ଷୀଘର ପ୍ରକାଶନୀ। କୋଲକାତାର ପ୍ରଭା ପ୍ରକାଶନୀ ବିତରକ ଥିବାବେଳେ ପୁରୀର ସାଂବିଦୀ ପ୍ରକାଶନ ଏହି ପୁସ୍ତକର ପରିବେଷକ ଅଛନ୍ତି। ଲୋକାର୍ପିତ କାର୍ଯ୍ୟକ୍ରମରେ ଦେବବ୍ରତ କଣ୍ଡ, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଓ ଲେଖକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆୟୋଜିକ ଥିଲେ ଡାଫୋଡିଲ ନର୍ସରୀ ସ୍କୁଲ। ଡ. ଅଶ୍ୱିନୀ ମହାନ୍ତି ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମରେ ପ୍ରଫେସର କମଳେଶ ମିଶ୍ର, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରଫେସର ଅଦ୍ୱୈତ ଧଳ ଓ ପ୍ରଫେସର ବ୍ରଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ

ପୁରୀ ଅଫିସ,୫।୧୧

କାର୍ତ୍ତିକ ମାସ ଶୁକ୍ଳ ଦ୍ୱାଦଶୀ ବା ପଞ୍ଚକର ଦ୍ୱିତୀୟ ଦିବସ ଶନିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବେଶ ମଧ୍ୟରେ ବାଙ୍କଚୂଡ଼ା ବେଶ ଅନ୍ୟତମ। ମହାପ୍ରଭୁଙ୍କ ଏହି ବାଙ୍କଚୂଡ଼ା ବେଶକୁ ବାମନ ବେଶ ମଧ୍ୟ କୁହାଯାଏ। ପାଳିଆ ମେକାପ, ଖୁଣ୍ଟିଆ, ଚାଙ୍ଗଡା ମେକାପ ଏବଂ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବାଙ୍କଚୂଡ଼ା ବେଶରେ ସଜ୍ଜିତ କରିଥିଲେ। ଏହି ବେଶର ବିଶେଷତ୍ୱ ଯେ, ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୁଳ ସହିତ ଦକ୍ଷିଣ ଦିଗକୁ ଆଡ ଖୋଷା ପଡେ ଏବଂ ଏହି ଖୋଷା(ବେଣୀ)ର ଅଗ୍ର ଗଣ୍ଠିରେ ଏକ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ସୂଚନାଯୋଗ୍ୟ, ଏକ ଛୋଟ ସ୍ୱର୍ଣ୍ଣ କିରୀଟ ଠାକୁରମାନଙ୍କ କପାଳର ଶୀର୍ଷ ଭାଗରେ ଶୋଭାପାଇଥିଲା। ଲକ୍ଷ୍ମୀନାରାୟଣ ବେଶରେ ଲାଗୁଥିବା ଅଧିକାଂଶ ଅଳଙ୍କାର ଏଥିରେ ବ୍ୟବହୃତ ହୋଇଥିଲା। ଶ୍ରୀଜଗନ୍ନାଥ ଚକ୍ର, ଶଙ୍ଖ ଏବଂ ବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହି ବେଶରେ ସୁଭଦ୍ରାଙ୍କ ଆଭୂଷଣ ପରିବର୍ତ୍ତନ ହୋଇ ନ ଥିଲା। ମାତ୍ର ତାଙ୍କର ମସ୍ତକ ସୁବର୍ଣ୍ଣ କିଆରେ ଶୋଭିତ କରାଯାଇଥିଲା। ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଗୁରୁତ୍ୱ ହେଉଛି, ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତ ଅକ୍ରୁର ମଥୁରା ନେବା ପାଇଁ ଗୋପ ଆସିଥିଲେ, ଏହି ବେଶରେ ପ୍ରଭୁଙ୍କୁ ସେ ଦର୍ଶନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀମନ୍ଦିରରେ ବାଙ୍କଚୂଡ଼ା ବେଶ ପାଳିତ ହୋଇଆସୁଛି। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବାଙ୍କଚୂଡ଼ା ବେଶ ଦର୍ଶନ କରିଥିଲେ। ତେବେ ଶୁକ୍ରବାର ଭଳି ଶନିବାର ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ପୁରୀରେ ପ୍ରବଳ ଭିଡ଼ ହୋଇଥିଲା।



# ଯଶୁଆପୁର ସରପଞ୍ଚ ଭାବେ ଅକ୍ଷୟ ବେହେରା ନିର୍ବାଚିତ

ପିପିଲି,୫।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଭୋଟ ଗଣତି କାର୍ଯ୍ୟ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଶେଷ ହୋଇଛି। ସମସ୍ତ ଭୋଟ ଗଣତି ସରିବା ପରେ ଶେଷରେ ଯଶୁଆପୁର ସରପଞ୍ଚ ଭାବେ ଅକ୍ଷୟ କୁମାର ବେହେରା ୩୯୮ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ଘୋଷଣା ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ କୁମାର ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ସମୁଦାୟ ୪୨୭୪ଖଣ୍ଡ ଭୋଟ ମଧ୍ୟରୁ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଅକ୍ଷୟ କୁମାର ବେହେରା ଖୋଲାବହି ଚିହ୍ନରେ ୨୨୨୭ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ସନ୍ତୋଷ କୁମାର ମହାନ୍ତି ଖୋଲାଛତା ଚିହ୍ନରେ ୧୮୨୯ ଖଣ୍ଡ ଭୋଟ ପାଇଥିଲେ। ସେହିପରି ମାଛ ଚିହ୍ନରେ ନରସିଂହ ପ୍ରଧାନ ୧୨୮ ଖଣ୍ଡ ଭୋଟ ପାଇଥିବା ବେଳେ ସୂର୍ଯ୍ୟ ଚିହ୍ନରେ ବଳଭଦ୍ର ପ୍ରଧାନ ୧୬ ଖଣ୍ଡ ଭୋଟ ପାଇଥିବା ନେଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଯଶୁଆପୁର ପଞ୍ଚାୟତର ସରପଞ୍ଚ ଭାବେ ଅକ୍ଷୟ ନିର୍ବାଚିତ ହୋଇଥିବା ନେଇ ବ୍ଲକ ନିର୍ବାଚନ ଅଧିକାରୀ ରଶ୍ମିତା ନାଥ ଘୋଷଣା କରିଛନ୍ତି। ଅକ୍ଷୟଙ୍କ ବିଜୟ ପରେ ଭାଜପା ଦଳ ପକ୍ଷରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି । ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଅକ୍ଷୟଙ୍କୁ ପିପିଲିଠାରୁ ଏକ ବିରାଟ ପଟୁଆର ଶୋଭାଯାତ୍ରାରେ ନିଆଯାଇ ଯଶୁଆପୁର ପଞ୍ଚାୟତରେ ସମସ୍ତ ଭୋଟର ଓ ଶୁଭେଚ୍ଛୁଙ୍କୁ ସ୍ୱାଗତ ଜଣାଇବା ସହ ଏ ବିଜୟର ଶ୍ରେୟ ଯଶୁଆପୁର ପଞ୍ଚାୟତବାସୀଙ୍କ ବିକାଶ ପାଇଁ ହୋଇଥିବା ପଟ୍ଟନାୟକ କହିଛନ୍ତି ।

# ଓକିଲ ସଂଘ, ଟାଟା ପାୱାର ଅଧିକାରୀଙ୍କ ମଧ୍ୟରେ ଆଲୋଚନା

### ସହରରେ ବିଦ୍ୟୁତ୍ ସମସ୍ୟା ପ୍ରସଙ୍ଗ

ପୁରୀ ଅଫିସ,୫।୧୧

ପୁରୀରେ ବିଦ୍ୟୁତ୍ ସମସ୍ୟା ନେଇ ଓକିଲ ସଂଘର କର୍ମକର୍ତ୍ତା ଓ ଟାଟା ପାୱରର ଅଧିକାରୀଙ୍କ ସହ ରେଡକ୍ରସ୍ ରୋଡ୍‌ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଟାଟା ପାୱରର କର୍ମଚାରୀ ମନଇଚ୍ଛା ଗ୍ରାହକଙ୍କ ଘରେ ବସି ନୂଆ ମିଟର ବସାଇବା, ବାଇପାସ ନାଁରେ ଲୋକଙ୍କ ଉପରେ ଫାଇନ ଆଦାୟ କରିବା, ଅଧିକ ଫାଇନ ପକାଇବା, ହଠାତ୍ ଲାଇନ୍ କାଟି ଦେବା ସହ ବିଭିନ୍ନ ବିଦ୍ୟୁତ୍ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବିନା ନୋଟିସ୍‌ରେ କାହାର ଲାଇନ୍ ନ କାଟିବା, ବକେୟା ବିଦ୍ୟୁତ ବିଲ୍ କିସ୍ତିରେ ଶୁଝିବା, ନୂଆ ମିଟର ବସାଇବା ପୂର୍ବରୁ ମିଟର ଟେଷ୍ଟିଙ୍ଗ କରିବା ସହିତ ଅନ୍‌ଲାଇନ ଅଭିଯୋଗ ସହ ଅଫଲାଇନ ଅଭିଯୋଗ ଗ୍ରହଣ କରିବା ନେଇ ବୈଠକରେ ସ୍ଥିର ହୋଇଛି। ଆଲୋଚନାରେ ଓକିଲ ସଂଘ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଉପସଭାପତି କାଳୀପ୍ରସାଦ ନାୟକ, କାର୍ଯ୍ୟକାରୀ ସଦସ୍ୟ ଅନିଲ୍ ସାହୁ, ଭାଗବତ ପଟ୍ଟନାୟକ, ବିଶ୍ୱଜିତ ପ୍ରଧାନ, ଶରତ ରାୟଗୁରୁ, ମାନସ ରଞ୍ଜନ ଶତପଥୀ, କୁଳମଣି ବେହେରା, ପୁରୀ ଜିଲା ଟାଟା ପାୱାରର ଏକଜିକ୍ୟୁଟିଭ୍ ଇଞ୍ଜିନିୟର ସ୍ମୃତି ରଞ୍ଜନ ସ୍ୱାଇଁ, ଟାଟା ପାୱାରର ମୁଖ୍ୟ କାଯ୍ୟନିର୍ବାହ ଅଧିକାରୀ ଅମିୟ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳସୀ ବିବାହ ସମ୍ପନ୍ନ

ସାକ୍ଷୀଗୋପାଳ,୫।୧୧(ସ୍ୱ.ପ୍ର./ଡି.ଏନ୍.ଏ)

ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶନିବାର ତୁଳସୀ ବିବାହ ବୈଦିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ବର ପିତା ଶରତଚନ୍ଦ୍ର ହୋତା ଓ ତାଙ୍କ ସ୍ତ୍ରୀ, କନ୍ୟା ପିତା ଭାବେ ସତ୍ୟପ୍ରିୟ ମହାପାତ୍ର ଓ ତାଙ୍କ ସ୍ତ୍ରୀଙ୍କ ସହ ବିବାହ ବେଦିରେ କନ୍ୟାଦାନ କରିଥିଲେ। ବରଯାତ୍ରୀଙ୍କୁ ସ୍ୱାଗତ ପରେ ବରଣ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ନାରାୟଣଙ୍କ ସହିତ ତୁଳସୀଙ୍କ ହାତଗଣ୍ଠି ପକାଯାଇଥିଲା। ବିବାହରେ ଯୋଗଦେଇଥିବା ମହିଳାମାନେ ହୁଳହୁଳି ଦେଇ ବନ୍ଦାପନା କରିଥିଲେ। ପଣ୍ଡିତ ହରିହର ମହାପାତ୍ର ଓ ବଂଶୀଧର ପାଢ଼ୀ ବୈଦିକ କାର୍ଯ୍ୟ ସମ୍ପାଦନ କରିଥିଲେ। ବିବାହ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରସାଦ ସେବନ କରିଥିଲେ। ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଆୟୋଜନ କରାଯାଉଛି।

# ଫୁଟ୍‌ବଲ୍: ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ବିଜୟୀ



ନିମାପଡା ବାରବାଟୀ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ବିଂଶତମ ପ୍ରିମିୟର ଫୁଟବଲ୍ ଲିଗ୍ ମ୍ୟାଚ୍‌ରେ ଉପସ୍ଥିତ ଖେଳାଳିଙ୍କ ସହ ଅତିଥି।

ନିମାପଡ଼ା,୫।୧୧(ଡି.ଏନ୍.ଏ.)

### ଖେଳ ଦେଖିଲେ ଗଣଶିକ୍ଷା ମନ୍ତ୍ରୀ

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଶନିବାର ବିଂଶତମ ପ୍ରିମିୟର ଫୁଟବଲ୍ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍ ଓ ନିମାପଡ଼ା ଭେଟେରାନ ୧୧ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍ ୧–୦ ଗୋଲରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଖେଳାଳି ବିଚିତ୍ରାନନ୍ଦ ପାତ୍ର ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଖେଳର ମଜା ନେଇଥିଲେ। ମନ୍ତ୍ରୀ ଦାଶ ପୂର୍ବରୁ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍‌ର କ୍ୟାପଟେନ ଥିବାବେଳେ ପ୍ରତିପକ୍ଷ ଭେଟେରାନ୍ ୧୧ର ବିଜେଡି ସଭାପତି ତଥା ଆଥଲେଟ୍ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର କ୍ୟାପଟେନ୍ ଥିଲେ। ବର୍ତ୍ତମାନ ସେ ବାରବାଟୀ ଗ୍ରାଉଣ୍ଡରେ ଏହି ଫୁଟବଲ୍ ମ୍ୟାଚ୍‌ରେ ତାଙ୍କ ଦଳ ବିଜୟୀ ହୋଇଥିବା ଦେଖି ଖୁସି ହୋଇଥିଲେ। ଏହି ମ୍ୟାଚ୍‌କୁ ରେଫରି ଜୟନ୍ତ ରାୟ, ଦୀପ୍ତି ରଞ୍ଜନ ରାଉତରାୟ, ସୁଶାନ୍ତ ରାଉତରାୟ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, ପୂର୍ବତନ କାଉନ୍‌ସିଲର ଅରୁଣ ପ୍ରସାଦ ଦାଶ, ସାମାଜିକ କର୍ମୀ ପବିତ୍ର ମୋହନ ବରାଳ, କ୍ରୀଡାବିତ୍ ନିର୍ମଳ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଫୁଟବଲ ମ୍ୟାଚ୍‌ର ଗ୍ରାଣ୍ଡ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍‌ରେ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ୍‌କୁ ଭେଟିବ।

# ଶ୍ରଦ୍ଧା, ଭକ୍ତିପଣ ପାଇଁ ଭକ୍ତ ଦାସିଆ ଶ୍ରେଷ୍ଠ

ପିପିଲି,୫।୧୧(ଡି.ଏନ୍.ଏ./ସ୍ୱ.ପ୍ର.)



ପିପିଲିର ବାଲିଗାଁଠାରେ ଆୟୋଜିତ ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ଏକ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

### ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲା ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅଧୀନ ପଲ୍ଲିଗ୍ରାମ ବାଲିଗାଁଠାରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଭକ୍ତଙ୍କ ସମାଧି ପୀଠରେ ବେଦ, ଗୀତା ଓ ଭାଗବତ ପାଠ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀଙ୍କ ଦ୍ୱାରା ସମାପିତ ହୋଇ ସମସ୍ତ ଦେବଦେବୀଙ୍କ ଦୈନନ୍ଦିନ ନୀତିକାନ୍ତି ସହିତ ନୂତନ ବସ୍ତ୍ର ପରିଧାନ, ମହନ୍ତ ରାମଶରଣ ଦାସ ମହାରାଜଙ୍କ ଦ୍ୱାରା ଫୁଲର ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ଓ ନିକଟବର୍ତ୍ତୀ ଅଞ୍ଚଳରୁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ସହଯୋଗରେ ଦୀର୍ଘ ୧ ମାସ ଧରି କାର୍ତ୍ତିକରେ ଅଖଣ୍ଡ ନାମଯଜ୍ଞ କରାଯାଇଥିଲା।

ଭୁବନେଶ୍ୱର ରୋଟାରୀ କ୍ଲବ ନର୍ଥ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୧୦୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ହୋମିଓପାଥିକ ଔଷଧ ଦିଆଯାଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପୂର୍ବତନ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଇଞ୍ଜିନିୟର ଦେବ ନାରାୟଣ ପାଲ ମୁଖ୍ୟ ଅତିଥି, ଡ.ପ୍ରତିଭା ମହାରଥୀ, ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶାରଦ ମୁଖ୍ୟବକ୍ତା ପ୍ରଭାତ ନନ୍ଦ, ପାରାଦୀପ ବନ୍ଦରର ପୂର୍ବତନ ସଚିବ, ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଇଞ୍ଜିନିୟର ଭକ୍ତି ପ୍ରସାଦ ମହାପାତ୍ର, ବିବେକାନନ୍ଦ ମହାପାତ୍ର, ନାରାୟଣ ମହାପାତ୍ର, ଜୟ ପ୍ରକାଶ ମିଶ୍ର, ତ୍ରିନାଥ ଲେଙ୍କା, ମମତା ବିଶ୍ୱାଳ, ଜ୍ୟୋସ୍ନା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭକ୍ତ ଦାସିଆଙ୍କ ମହାପ୍ରଭୁଙ୍କ ପ୍ରତି ଥିବା ସଚ୍ଚୋଟତା, ଶ୍ରଦ୍ଧା, ଭକ୍ତିପଣ ହିଁ ତାଙ୍କୁ ଶ୍ରେଷ୍ଠ କରାଇଛି ବୋଲି କହିଥିଲେ। ଏହି ଅବସରରେ ନବନିର୍ମିତ ଶ୍ରୀଜଗନ୍ନାଥ ଭକ୍ତ ନିବାସ ଗୃହର ପ୍ରତିଷ୍ଠା ସହିତ ଉଦ୍‌ଘାଟନ କାର୍ଯ୍ୟ ସମାପିତ ହୋଇଥିଲା। ଆମନ୍ତ୍ରିତ ଅତିଥିମାନେ ଆଧାତ୍ମିକ ତ୍ରୟୋମାସିକ ପତ୍ରିକା 'ଭାବକୁ ନିକଟ'ର ୭ ବର୍ଷର ୪ର୍ଥ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ.ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ଦେଇଥିବା ବେଳେ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ ଧନ୍ୟବାଦ ଦେଇଥିଲେ। ସଦସ୍ୟ ଇଞ୍ଜିନିୟର ରୋହିତ ସେଠୀ, ଲୋକନାଥ ରାଉତରାୟ, ସରୋଜ ସାହୁ, ସରୋଜ ପରିଡ଼ା, ଅନିଲ ନାୟକ, ଜୟକୃଷ୍ଣ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାର୍ଷିକ ପ୍ରଶ୍ନମଞ୍ଚ ଉଦ୍‌ଯାପିତ



**ନିରାକାରପୁର,୫ା୧୧(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ବାର୍ଷିକ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଫଳ ହୋଇଛି ବୋଲି କହିଥିଲେ। ମୋଟ ୯୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ହୋଇଥିବା ଅଡିଓ, ଭିଡିଓ ରାଉଣ୍ଡରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ଓ ପବିତ୍ର ରାଉତରାୟ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଅଶୋକ କୁମାର ସେଠୀ, ବିନୋଦ ବିହାରୀ ସେଠୀ, ସୁମନ୍ତ କୁମାର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁମା, ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷା ଉପକରଣ ବଣ୍ଟନ

**କୃଷ୍ଣପ୍ରସାଦ,୫ା୧୧(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପଣସପଦା ଶାଖା ପକ୍ଷରୁ ଗରିବ ଏବଂ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବଣ୍ଟନ କରାଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ପଣସପଦା ସହକାରୀ ଶାଖା ପରିଚାଳକ ବିଶାଳ ଶଙ୍କର ରଥଙ୍କ ତତ୍ତ୍ୱାବଧାନରେ ଖାତା, ବହି, ପେନ୍ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ସମିତିସଭ୍ୟା କନକଲତା ଜେନା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସୁଲୋଚନା ବେହେରା, ପ୍ରଧାନଶିକ୍ଷକ ବିରଞ୍ଚି ହର ନାରାୟଣ ନାୟକ, ସଞ୍ଜୟ ବେହେରା, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ପରଲୋକ

**ଜଟଣୀ,୫ା୧୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରା ଅଞ୍ଚଳର ଆଇନଜୀବୀ ସୁରେନ୍ଦ୍ରନାଥ ନାୟକ(୭୪)ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ପଷ୍ଟବାଦୀ ଆଇନଜୀବୀଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ, ଜଟଣୀ ବାର୍ ଆସୋସିଏଶନ ଏବଂ ଲୟର୍ସ ଆସୋସିଏଶନରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନାୟକଙ୍କ ବାସଭବନରେ ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

# ଆଜିଠାରୁ ଭୁଆସୁଣୀରେ ପଡ଼ିବ ଅଳିଆ

**ଭୁବନେଶ୍ୱର, ୫ା୧୧ (ବ୍ୟୁରୋ)**

ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ନେଇ ଦାରୁଠେଙ୍ଗ ଗ୍ରାମବାସୀ ଏବଂ ବିଏମ୍‌ସି ମଧ୍ୟରେ ଲାଗିଥିବା ସମସ୍ୟାର ସମାଧାନ ହୋଇଛି। ପୁଣିଥରେ ଗ୍ରାମବାସୀଙ୍କୁ ମନାଇବାରେ ସକ୍ଷମ ହୋଇଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବିଏମ୍‌ସି କାର୍ଯ୍ୟାଳୟରେ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି। ରବିବାରଠାରୁ ପୂର୍ବପରି ସହରରୁ ବାହାରୁଥିବା ଅଳିଆ ଭୁଆସୁଣୀ ଡମ୍ପିଂୟାର୍ଡରେ ପକାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଆଲୋଚନାରେ ଏଥର କେବଳ ପ୍ରତିଶ୍ରୁତି ନୁହେଁ, ବରଂ ଗ୍ରାମବାସୀ କିଛି ଦାବି ଉପସ୍ଥାପନ କରିଥିଲେ। ଦାବି ମୁତାବକ, ଡମ୍ପିଂୟାର୍ଡ ପାଖ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସିକ୍ୟୁରିଟି ଆଉଟ୍‌ପୋଷ୍ଟ କରାଯିବ। ସେଠାରେ ୨ଜଣ ସିକ୍ୟୁରିଟି ନିଯୁକ୍ତ ରହିବେ ଏବଂ ସେମାନେ ଅଳିଆ ଗାଡ଼ିର ବେଗ ଉପରେ ନଜର ରଖିବେ। ସେହିପରି ମୁଖ୍ୟ ରାସ୍ତାରେ ବିଏମ୍‌ସି ପକ୍ଷରୁ ହମ୍ପସ୍ କରାଯାଇ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ତେଣୁ ଦ୍ରୁତଗତି କିମ୍ବା ଅନ୍ଧାର ପାଇଁ ଆଉ କୌଣସି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଏମ୍‌ସି କହିଛି।



ସୈନିକ ସ୍କୁଲ ନିକଟ ଟିଟିଏସ୍‌ରେ ଜମା ହୋଇ ରହିଥିବା ଅଳିଆ ।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ ବିଏମ୍‌ସି ପକ୍ଷରୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥିଲା। ଏଥିସହ ତାଙ୍କ ପରିବାରରୁ ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାତ୍ର ଗ୍ରାମବାସୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ବାରଣ କରିଥିଲେ। ଫଳରେ ୬ଦିନ ଧରି ସହରର ଅଳିଆ ଡମ୍ପିଂୟାର୍ଡକୁ ନ ଯାଇ ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍‌ରେ ପକା ଯାଉଥିଲା। ଏହାପୂର୍ବରୁ ମଧ୍ୟ ଅଳିଆ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା, ଯାହାକୁ ନେଇ ସେତେବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ୨୦ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଡମ୍ପିଂୟାର୍ଡରେ ଅଳିଆ ପକାଇବା ବନ୍ଦ କରାଯାଇଥିଲା। ବହୁ ବୁଝାଶୁଝା ପରେ ସ୍ଥିତିରେ ସୁଧାର ଆସିଥିବାବେଳେ ପୁଣି ଦୁର୍ଘଟଣା ପୂର୍ବ ସ୍ଥିତିର ପୁନରାବୃତ୍ତି ଘଟାଇଥିଲା। ତେବେ ଗ୍ରାମବାସୀଙ୍କୁ ମନାଇବାରେ ଏଥର ସମର୍ଥ ହୋଇଛି ବିଏମ୍‌ସି। ଡମ୍ପିଂୟାର୍ଡରେ ଅଳିଆ ପକାଇବା ପାଇଁ ପୂର୍ବରୁ ଗ୍ରାମବାସୀ ବିଏମ୍‌ସିକୁ ୯ମାସ ସମୟ ଦେଇଥିଲେ। ଏହା ମଧ୍ୟରେ ୨ମାସ ଅତିକ୍ରମ କରି ସାରିଥିବାବେଳେ ବିଏମ୍‌ସି ହାତରେ ଆଉ ୭ମାସ ସମୟ ରହିଛି। ତେବେ ଏହା ମଧ୍ୟରେ ନୂତନ ଏମ୍‌ସିସି କାର୍ଯ୍ୟକ୍ଷମ ହୋଇଯିବ, ଫଳରେ ଅଳିଆ ପକାଇବା ପାଇଁ ଆଉ ଭୁଆସୁଣୀ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସହରରେ ମୋଟ୍ ୫୦ଟି ଏମ୍‌ସିସି ନିର୍ମାଣ ହେବାକୁ ଥିବାବେଳେ ଏବେସୁଦ୍ଧା ପ୍ରାୟ ୩୩ଟି ଏମ୍‌ସିସି ନିର୍ମାଣ ହୋଇ ସାରିଛି। ଖୁବ୍‌ଶୀଘ୍ର ସମସ୍ତ ଏମ୍‌ସିସି କାର୍ଯ୍ୟକ୍ଷମ ହେବା ଉପରେ ଗୁରୁତ୍ୱାରୋପ କରାଯାଉଥିବା କୁହାଯାଇଛି।

**ଆଲୋଚନା ପରେ ବିବାଦର ସମାଧାନ ହେଲା**

- ନିଯୁକ୍ତ ହେବେ ସିକ୍ୟୁରିଟି ଗାର୍ଡ
- ମୁଖ୍ୟ ରାସ୍ତାରେ ନିର୍ମାଣ ହେଲା ହମ୍ପସ୍, ଲାଗିଲା ଲାଇଟ୍

# ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ



**ପୁରୀ ଅଫିସ,୫ା୧୧**

କାର୍ତ୍ତିକ ମାସ ଶୁକ୍ଳ ଦ୍ୱାଦଶୀ ବା ପଞ୍ଚକର ଦ୍ୱିତୀୟ ଦିବସ ଶନିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବେଶ ମଧ୍ୟରେ ବାଙ୍କଚୂଡ଼ା ବେଶ ଅନ୍ୟତମ। ମହାପ୍ରଭୁଙ୍କ ଏହି ବାଙ୍କଚୂଡ଼ା ବେଶକୁ ବାମନ ବେଶ ମଧ୍ୟ କୁହାଯାଏ। ପାଳିଆ ମେକାପ, ଖୁଣ୍ଟିଆ, ଚାଙ୍ଗଡା ମେକାପ ଏବଂ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବାଙ୍କଚୂଡ଼ା ବେଶରେ ସଜ୍ଜିତ କରିଥିଲେ। ଏହି ବେଶର ବିଶେଷତ୍ୱ ଯେ, ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୁଳ ସହିତ ଦକ୍ଷିଣ ଦିଗକୁ ଆଡ ଖୋଷା ପଡେ ଏବଂ ଏହି ଖୋଷା(ବେଣୀ)ର ଅଗ୍ର ଗଣ୍ଠିରେ ଏକ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ସୂଚନାଯୋଗ୍ୟ, ଏକ ଛୋଟ ସ୍ୱର୍ଣ୍ଣ କିରୀଟ ଠାକୁରମାନଙ୍କ କପାଳର ଶୀର୍ଷ ଭାଗରେ ଶୋଭାପାଇଥିଲା। ଲକ୍ଷ୍ମୀନାରାୟଣ ବେଶରେ ଲାଗୁଥିବା ଅଧିକାଂଶ ଅଳଙ୍କାର ଏଥିରେ ବ୍ୟବହୃତ ହୋଇଥିଲା। ଶ୍ରୀଜଗନ୍ନାଥ ଚକ୍ର, ଶଙ୍ଖ ଏବଂ ବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହି ବେଶରେ ସୁଭଦ୍ରାଙ୍କ ଆଭୂଷଣ ପରିବର୍ତ୍ତନ ହୋଇ ନ ଥିଲା। ମାତ୍ର ତାଙ୍କର ମସ୍ତକ ସୁବର୍ଣ୍ଣ କିଆରେ ଶୋଭିତ କରାଯାଇଥିଲା। ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଗୁରୁତ୍ୱ ହେଉଛି, ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତ ଅକ୍ରୂର ମଥୁରା ନେବା ପାଇଁ ଗୋପ ଆସିଥିଲେ, ଏହି ବେଶରେ ପ୍ରଭୁଙ୍କୁ ସେ ଦର୍ଶନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀମନ୍ଦିରରେ ବାଙ୍କଚୂଡ଼ା ବେଶ ପାଳିତ ହୋଇଆସୁଛି। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବାଙ୍କଚୂଡ଼ା ବେଶ ଦର୍ଶନ କରିଥିଲେ। ତେବେ ଶୁକ୍ରବାର ଭଳି ଶନିବାର ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ପୁରୀରେ ପ୍ରବଳ ଭିଡ଼ ହୋଇଥିଲା।





ବେଗୁନିଆ: ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଖୋର୍ଦ୍ଧା ଜିଲା ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ବାହାରିଥିବା ଶୋଭାଯାତ୍ରା।

# ୯ ଦଫା ଦାବି ପୂରଣ ପାଇଁ ଶୋଭାଯାତ୍ରା

**ବେଗୁନିଆ,୫ା୧୧(ଡି.ଏନ୍.ଏ.)**

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଖୋର୍ଦ୍ଧା ଜିଲା ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଶନିବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଅଶୋକ ସାହୁଙ୍କ ନେତୃତ୍ୱରେ ବେଗୁନିଆ ଥାନା ଛକରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ଏହି ଅବସରରେ ୯ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଖାଇବା ତେଲ, ପେଟ୍ରୋଲ, ଡିଜେଲର ଦର ବୃଦ୍ଧିକୁ ବିରୋଧ, ଭୂମିହୀନଙ୍କୁ ଜମି ପଟ୍ଟା ଓ ଧାର୍ଯ୍ୟ ନିୟମ ଅନୁଯାୟୀ ସେମାନଙ୍କୁ ପକ୍କାଘର ଯୋଗାଇଦେବା, ଗାଁକୁ ବିଶୁଦ୍ଧ ଜଳ, ଜଙ୍ଗଲ ଓ ଜମିରୁ ଜବରଦଖଲ ଉଚ୍ଛେଦ, ସରକାରୀ କାର୍ଯ୍ୟାଳୟକୁ ସାଧାରଣଲୋକ ଗଲେ ସମାଧାନ ବଦଳରେ କର୍ମଚାରୀଙ୍କ ଅକଥନୀୟ ଅତ୍ୟାଚାର ଦିଆଯାଉଥିବା ଦାବିପତ୍ରରେ ଦର୍ଶାଯାଇଛି। ସମସ୍ୟାର ସମାଧାନ କରା ନ ଗଲେ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସମ୍ପାଦକ ସାହୁ କହିଛନ୍ତି। ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ବିଜୟ ପ୍ରଧାନ, ସନ୍ତୋଷ ପୃଷ୍ଟି, ନେତ୍ରାନନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ।

# ଡିସେମ୍ବର ୯ରୁ ରାଜ୍ୟସ୍ତରୀୟ ପୁସ୍ତକ ମେଳା

**ଭୁବନେଶ୍ୱର,୫ା୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୯ରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ପୁସ୍ତକ ମେଳା 'ଅକ୍ଷର'। ଡିସେମ୍ବର ୧୮ ତାରିଖ ଯାଏଁ ୧୦ଦିନ ବ୍ୟାପୀ ଏହା ପ୍ରଦର୍ଶନୀ ପଡ଼ିଆରେ ଚାଲିବ। ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି, ଓଡ଼ିଶା ପବ୍ଲିସର୍ସ ଆଣ୍ଡ ବୁକ୍ ସେଲ୍‌ର ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେବ। ମେଳାରେ ଷ୍ଟଲ ପକାଇବା ଲାଗି ନଭେମ୍ବର ୨୦ ଶେଷ ଆବେଦନ ତାରିଖ ରହିଛି। ପ୍ରତ୍ୟେକ ଦିନ ଏହା ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ମେଳା ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସବୁ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।

# ପୂଜ୍ୟପୂଜା ସମାରୋହ, ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୫ା୧୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂଜ୍ୟପୂଜା ସମାରୋହ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟପୂଜା ସଂସଦର ସଭାପତି ରାଜକିଶୋର ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ସନୋଷିନୀ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାନପଦର, ପିଚୁକୁଳି ଏବଂ ଗୋପାଳପୁର ପଞ୍ଚାୟତ ଅଧୀନ ପ୍ରାୟ ୧୦ଟି ଗ୍ରାମର ତିନି ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ମୁଖ୍ୟ ବକ୍ତାଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, କାମଦେବ ନାୟକ, ଖୋର୍ଦ୍ଧା ଓକିଲ ସଂଘର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି , ଡା.ଶରତ କୁମାର ପାଇକରାୟ, ଅଜୟ ମଙ୍ଗରାଜ, ବିଜୟ ସାହ, ସମିତିସଭ୍ୟ ଦିଲୀପ ମହାପାତ୍ର, ତ୍ରିଲୋଚନ ମହାନ୍ତି, ବସନ୍ତ ପାଇକରାୟ ପ୍ରମୁଖ ବାର୍ଦ୍ଧକ୍ୟ ସମୟରେ ଅସୁବିଧା ଏବଂ ପିତୃ ଭକ୍ତି ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜକିଶୋର ବରାଡ଼, ବିଜୟ ଗୁମାନସିଂହ, ଦୁର୍ଗାଚରଣ ମହାପାତ୍ର, ଅନୁପମା ବଳିଆରସିଂହ, ସଞ୍ଜୟ ସାହ, ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫୧ ଗ୍ରାମ ବ୍ରାଉନସୁଗାର ଜବତ, ବେପାରୀ ଗିରଫ



**ଖୋର୍ଦ୍ଧା ଅଫିସ,୫ା୧୦**

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ବାରମ୍ବାର ପୋଲିସ, ଅବକାରୀ ବିଭାଗ ଓ ଏସ୍‌ଟିଏଫ୍‌ର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଖୋର୍ଦ୍ଧା ଅବକାରୀ ପୋଲିସ ମଙ୍ଗଳାନଗର ଏକ ଘରୋଇ ହସ୍ପିଟାଲ ନିକଟରୁ ୫୧ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ମଙ୍ଗଳାନଗର ଅଞ୍ଚଳର ବ୍ରଜକିଶୋର ପଟ୍ଟନାୟକ(୫୦)। ତାଙ୍କ ନିକଟରୁ ଏକ ବାଇକ୍ ମଧ୍ୟ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ୧୦ହଜାର ଟଙ୍କା ହେବ। ଏନେଇ ଥାନାରେ ଏନଡିପିଏସ ଆକ୍ଟ ୨୯(ବି)ରେ ଏକ ମାମଲା(ନଂ.୮୯/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ବ୍ରଜକିଶୋର ବାଇକରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ଖବରପାଇ ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ପରେ ଅବକାରୀ ବିଭାଗର ଏକ ଟିମ୍ ଗ୍ରାହକ ବେଶରେ ପହଞ୍ଚି ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଏହି ଚଢାଉରେ ଜିଲା ମୋବାଇଲ ୟୁନିଟ୍ ଆଇଆଇସି ରାଜକିଶୋର ସ୍ୱାଇଁ, ଅବକାରୀ ଥାନା ଅଧିକାରୀ ଭୈରବ ସାହୁ, ଏସ୍‌ଆଇ ବି. ମନୋଜ କୁମାର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଡିଇଓଙ୍କୁ ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର

**ବୋଲଗଡ଼/ଜଟଣୀ, ୫ା୧୧(ଡି.ଏନ୍.ଏ.)**

ନବ ଗଠିତ ନୂତନ ପେନଶନ ଯୋଜନା ଭୁକ୍ତ ମାଧ୍ୟମିକ ଶିକ୍ଷକ ସଙ୍ଗଠନ ଜିଲା କମିଟିର ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ବିଶ୍ୱନାଥ ତରାଇ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅମ୍ରିତ ପ୍ରୀତିନନ୍ଦାଙ୍କୁ ଭେଟି ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗତ ୧୬ତାରିଖ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଠିକା ନିଯୁକ୍ତ ମାଧ୍ୟମିକ ଶିକ୍ଷକଙ୍କୁ ନିୟମିତ କରିବା, ୨୦୨୨ ମସିହାରେ ନିଯୁକ୍ତ ଶିକ୍ଷକଙ୍କ ଦରମା ଶୀଘ୍ର ପ୍ରଦାନ, ବାକିଥିବା ୨୦% ସପ୍ତମ ବେତନ କମିଶନ ପାଉଣା ପ୍ରଦାନ, ଜିଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଦିନରେ ଦରମା ପ୍ରଦାନ ଆଦି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଦାବିଗୁଡ଼ିକର ସମାଧାନ ପାଇଁ ନିବେଦନ କରିଥିଲେ। ଜିଲା ସଙ୍ଗଠନ ସଭାପତି ସୀତାକାନ୍ତ ମିଶ୍ରଙ୍କ ନେତୃତ୍ୱରେ ନିରଞ୍ଜନ ସାହୁ, ପ୍ରବୀର ପଣ୍ଡା, ପ୍ରଭାତ ସାହୁ, କୃଷ୍ଣଚନ୍ଦ୍ର ଜେନା, ନମିତା ବିଶୋଇ, ରାଜେଶ ମହାରଣା,କୀର୍ତ୍ତିରାଣୀ ନାୟକ, ସାମନ୍ତ ମାଝୀ, ସୁଜିତ ରାଉତରାୟ, ସଞ୍ଜୟ ନାୟକ, ବିଦ୍ୟାଧର ସାହୁ, ସଂସାରୀ ନାୟକ, ଟି.ଶ୍ୟାମଳ ରାଓ, ସାଇପ୍ରିତମ, ବିଚିତ୍ରାନନ୍ଦ ମହାନ୍ତଙ୍କ ସମେତ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଦାବିପତ୍ର ଅବସରରେ ମାଧ୍ୟମିକ ଶିକ୍ଷକ ସଙ୍ଗଠନ ଜିଲା କମିଟିର ସଦସ୍ୟମାନେ।

# ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୧୦୦ ବରିଷ୍ଠ ଅଧିକାରୀ

**ପୁରୀ ଅଫିସ,୫ା୧୧**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଝିଅ ଭାବେ ମୁର୍ମୁ ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ପ୍ରଥମ ଓଡ଼ିଶା ଗସ୍ତ। ଏହି ଦୁଇଦିନିଆ ଓଡ଼ିଶା ଗସ୍ତ ମଧ୍ୟରେ ୧୦ତାରିଖ ତଥା ଗସ୍ତର ପ୍ରଥମଦିନ ରାଷ୍ଟ୍ରପତି ମୁର୍ମୁ ପୁରୀ ଗସ୍ତ କରି ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଶନିବାର ସନ୍ଧ୍ୟାରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ବା ସର୍କିଟ୍ ହାଉସରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବର୍ମା ସମସ୍ତ ଅଧିକାରୀଙ୍କ ସହ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ତାଳବଣିଆ ହେଲିପ୍ୟାଡ୍, ରାଜଭବନ ଏବଂ ଶ୍ରୀମନ୍ଦିର ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଓ ପ୍ରୋଟୋକଲ ବିଷୟରେ ଆଲୋଚନା କରିଥିଲେ।

ଏ ନେଇ ଜିଲାପାଳ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ସୁରୁଖୁରୁରେ କରିବା ପାଇଁ ବୈଠକରେ ସମ୍ପୂର୍ଣ୍ଣ ଭାବେ ଆଲୋଚନା କରାଯାଇଛି। ବିଭିନ୍ନ ଲୋକେଶନ ଯେପରି ହେଲିପ୍ୟାଡ, ରାଜ ଭବନ, ଶ୍ରୀମନ୍ଦିର ବାହାର, ଶ୍ରୀମନ୍ଦିର ପରିସରରେ ସମସ୍ତ ସ୍ଥାନ ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯାଉଛି। ସମସ୍ତ ସ୍ଥାନରେ ନୋଡାଲ ଅଫିସର ନିଯୁକ୍ତ ରହିବେ। ଯେଉଁ ନୋଡାଲ ଅଫିସର ନିୟୋଜିତ ହେବେ ଜିଲାପାଳ ସେମାନଙ୍କୁ କାର୍ଯ୍ୟ ବିଷୟରେ ଅବଗତ କରାଇଛନ୍ତି। ସେହିପରି ଏସ୍‌ପି କେ. ବିଶାଲ ସିଂ କହିଛନ୍ତି, ପୂର୍ବରୁ ଯେପରି ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ରହିଥିଲା ଠିକ୍ ସେହିଭଳି ପ୍ରୋଟୋକଲ ବ୍ୟବସ୍ଥା କରାଯିବ। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସମସ୍ତ ପୋଲିସ ବ୍ୟବସ୍ଥାକୁ ସିନିୟର ପୋଲିସ ଅଧିକାରୀମାନେ ତଦାରଖ କରିବେ। ପୋଲିସ ପ୍ରଶାସନ ପକ୍ଷରୁ ପାଖାପାଖି ୩୦ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ୧୦୦ଜଣ ବରିଷ୍ଠ ଅଧିକାରୀ ଏବଂ ୧୦ଜଣ ଅତିରିକ୍ତ ଏସ୍‌ପି ସୁରକ୍ଷା ଦାୟିତ୍ୱରେ ରହିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେପରି ସ୍ଥାନୀୟ ଲୋକଙ୍କ ଯାତାୟାତରେ କୌଣସି ଅସୁବିଧା ବା ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପାଇଁ ଦୃଷ୍ଟିଦିଆଯାଇଛି ବୋଲି ଏସ୍‌ପି ସିଂ କହିଛନ୍ତି। ସେହିପରି ତାଳବଣିଆ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା, ଗମନାଗମନ, ଖାଦ୍ୟ, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ରାଜଭବନର ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ସିଡିଏମ୍‌ଓ ଡା.ସୁଜାତା ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

### ଗଛରୁ ଝୁଲନ୍ତା ମୃତଦେହ ଜବତ

**କଟକ ସଦର, (ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଝାରକଟା ଗ୍ରାମର ତ୍ରିନାଥ ମନ୍ଦିର ପଛପଟ ଏକ ନିମଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ(୪୫)। ଶୁକ୍ରବାର ରାତିରେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ଶନିବାର ସକାଳେ ପରିବାର ଲୋକେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ହ୍ରାସ ଦାବିରେ ବିକ୍ଷୋଭ

**କଟକ ଅଫିସ, ୫।୧୧:** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢିଚାଲିଛି। କେନ୍ଦ୍ର ସରକାର ଶିକ୍ଷା, ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ରେଳ, ବ୍ୟାଙ୍କ, ବୀମା, ପ୍ରତିରକ୍ଷା ଆଦି ସମସ୍ତ ରାଷ୍ଟ୍ରାୟାତ୍ତ ଉଦ୍ୟୋଗକୁ ଘରୋଇକରଣ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନୀତିକୁ ରାଜ୍ୟ ସରକାର ସମର୍ଥନ କରୁଛନ୍ତି। ଅନ୍ୟପକ୍ଷରେ ବସ୍ତିବାସିନ୍ଦାଙ୍କୁ ବେଆଇନ ଭାବେ ନିଜର ବାସସ୍ଥାନରୁ ଉଚ୍ଛେଦ କରାଯାଉଛି ବୋଲି ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଦାବିରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ରବି ବଳବନ୍ତରାୟ, ସୌଭାଗ୍ୟ ସାମଲ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ବିଶ୍ୱ ପ୍ରସ୍ଥେଟିକ-ଅର୍ଥୋଟିକ ଦିବସ ପାଳିତ

**କଣ୍ଟାପଡା, ୫।୧୧ (ଡି.ଏନ୍.ଏ.):** କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ବିଶ୍ୱ ପ୍ରସ୍ଥେଟିକ ଓ ଅର୍ଥୋଟିକ ଦିବସ ଶନିବାର ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀକାନ୍ତ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ ୧୯୭୫ ମସିହାରୁ ନିର୍‌ତାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ରୋପଣକରି ଦିବ୍ୟାଙ୍ଗମାନଙ୍କୁ କିଭଳି ଭାବେ ସକ୍ରିୟ କରିବାରେ ସହାୟକ ହୋଇପାରିଛି ସେ ସମ୍ପର୍କରେ କହିଥିଲେ। ଅଧ୍ୟାପକ ରାକେଶ ମହାନ୍ତି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବ୍ୟବହାର କରି ବ୍ୟକ୍ତିଗତ ଜୀବନରେ ସଫଳ ହୋଇଥିବା କେତେଜଣ ଦିବ୍ୟାଙ୍ଗଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ବିଭାଗୀୟ ଦକ୍ଷତା ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସହାୟତାରେ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସକାଳେ ଉକ୍ତ ବିଭାଗର ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ କଣ୍ଟାପଡା, ଓଲଟପୁର ଓ ବାଇରୋଇ ଗ୍ରାମ ପରିକ୍ରମା କରିଥିଲେ। ଅଧ୍ୟାପିକା ରୋଜାଲିନ ପ୍ରଧାନ, ମୋନାଲିସା ପ୍ରିୟଦର୍ଶିନୀ ଦାଶ, ସ୍ୱପ୍ନା ସାହୁ, ସୁଶ୍ରୀ ସଙ୍ଗୀତା ନାୟକ, ନନ୍ଦିତା ତ୍ରିପାଠୀ, ପ୍ରତାପ ପରିଡା, ରାଜକିଶୋର ସାହୁ, ସୁପ୍ରିୟା ପ୍ରଧାନ, ଅର୍ପିତା ପାଢ଼ୀ, ରଶ୍ମିରଞ୍ଜନ ସେଠୀ, ଦିବ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମନୋରଞ୍ଜନ ଶତପଥି ଧନ୍ୟବାଦ ଦେଇଥିଲେ।

### ୫ ବାଇକ୍ ଜବତ, ୨ ଗିରଫ

**କଟକ ଅଫିସ,୫।୧୧:** ବାଇକ ଚୋରି ମାମଲାର ତଦନ୍ତ କରି କ୍ୟାଣ୍ଟନମେଣ୍ଟ ପୋଲିସ ୫ଟି ବାଇକ ଓ ଗୋଟିଏ ମୋବାଇଲ ଜବତ କରିଛି। ଏହି ଘଟଣାରେ ବଡ଼ମ୍ବା ଥାନା ଅନ୍ତର୍ଗତ ସିଂହନାଥ ପୀଠର ଦୀପକ ରଞ୍ଜନ ନାୟକ ଓ ମଙ୍ଗଳାବାଗ ଥାନା ଅଧୀନ ବେପାରୀସାହିର ଶିବା ରାଓଙ୍କୁ ଶନିବାର ଗିରଫ କରାଯାଇଛି। ସେମାନଙ୍କ ନାମରେ ସହରର ୪ଟି ଥାନାରେ ବିଭିନ୍ନ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଲାଲବାଗ ଥାନା ଅନ୍ତର୍ଗତ ମାନସିଂହପାଟଣାର କାଳନ୍ଦୀ ପ୍ରଧାନ ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ବାଇକ ନେଇ ବକ୍ସିବଜାର ଯାଇଥିଲେ। ସେଠାରେ ଫଳ ଦୋକାନ ସାମ୍ନାରେ ବାଇକ ରଖି ମାର୍କେଟିଂ କରିଥିଲେ। ସେଠାରୁ ଫେରିବା ପରେ ତାଙ୍କ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୭/୨୨) ରୁଜୁ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ପରେ ଦୀପକ ଓ ଶିବା ବାଇକ୍ ଚୋରି କରିଥିବା ଜଣାପଡ଼ିଥିଲା। ସେମାନଙ୍କ ଜେରା କରିବା ପରେ ବାଦାମବାଡ଼ି, ଦରଘାବଜାର ଆଦି ଅଞ୍ଚଳରୁ ବହୁ ବାଇକ ଚୋରି କରିଥିବା ଜଣାପଡ଼ିଥିଲା।

# ବାଲିଯାତ୍ରା ପାଇଁ ଟ୍ରାଫିକ କଟକଣା

## ୭ ପାର୍କିଂ ସ୍ଥଳରେ ରହିବ ଗାଡ଼ି

**କଟକ ଅଫିସ,୫।୧୧**



ଚଳିତବର୍ଷ କଟକ ବାଲିଯାତ୍ରାରେ ଯାନବାହନ ରଖିବା ପାଇଁ ୭ଟି ପାର୍କିଂସ୍ଥଳ କରାଯାଇଛି। ସେଗୁଡ଼ିକ ହେଲା ଭୁଆସୁଣୀ ପଡ଼ିଆ, ଆନନ୍ଦଭବନ ପାଖ ଖ୍ରୀଷ୍ଟିଆନ ପଡ଼ିଆ, ଦୟାଶ୍ରମ ସାମ୍ନା ପଡ଼ିଆ, କାର୍ତ୍ତିକେଶ୍ୱରଗଡ଼ାର ବାମପଟ ପଡ଼ିଆ ଓ ପଶ୍ଚିମପଟ ପଡ଼ିଆ, ମୁଖ୍ୟ ବିଚାରପତିଙ୍କ ବାସଭବନ ସାମ୍ନା ମୁଣ୍ଡାସାହି ପଡ଼ିଆ ଓ ଗୋରାକବର ପଡ଼ିଆ। ବାଲିଯାତ୍ରା ବୁଲିବା ପାଇଁ ଆସିବାକୁ ଥିବା ଲୋକମାନେ ଉପରୋକ୍ତ ପାର୍କିଂସ୍ଥଳରେ ଗାଡି ରଖି ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ଏଥିସହ କମିଶନ୍‌ରେଟ୍ ପୋଲିସ ଦ୍ୱାରା ନିର୍ଦ୍ଧାରିତ ଟ୍ରାଫିକ କଟକଣା ଅପରାହ୍ନ ୩ଟାରୁ ଭିଡ଼ ଭାଙ୍ଗିବା ଯାଏ ବଳବତ୍ତର ରହିବ। ହେଲେ ପୋଲିସ, ଫାୟାର ବ୍ରିଗେଡ, ଏକ୍ସାଇଜ ଓ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ପାଇଁ କଟକଣା ଲାଗୁ ହେବ ନାହିଁ।

ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୨୮ ଓ କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ଟ୍ରାଫିକ ଏବଂ ପବ୍ଲିକ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ ଆସନ୍ତା ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବାଲିଯାତ୍ରା ଉତ୍ସବ ନିମନ୍ତେ ଟ୍ରାଫିକ କଟକଣା ଜାରି କରାଯାଇଛି। ସତୀଚୌରା ଛକରୁ ୩/୪ ଚକିଆ ଗାଡ଼ି ସେଲଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଗାଡି ଚାଳକ ବିଡ଼ାନାସୀ ବନ୍ଧ ଛକ ଦେଇ ଚହଟା ଛକରୁ ବାମକୁ ଯାଇ ଭୁଆଶୁଣି ପଡ଼ିଆରେ ପାର୍କିଂ କରିବେ। ସେଠାରୁ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପର୍ଯ୍ୟନ୍ତ ଆସିପାରିବେ। ସତୀଚୌରା ଛକରୁ ୨/୩ ଚକିଆ ଗାଡ଼ି ସେଲ୍‌ଟର ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆରେ ନିର୍ଦ୍ଧାରିତ ହୋଇଥିବା ପାର୍କିଂସ୍ଥଳ ଦୟାଶ୍ରମ ସାମ୍ନା ପଡ଼ିଆ କିମ୍ବା କାର୍ତ୍ତିକେଶ୍ୱର ଗଡ଼ାର ବାମପଟ ପଡ଼ିଆରେ ଗାଡ଼ି ପାର୍କିଂ କରିବ। ଚହଟା ଛକରୁ ୩/୪ ଚକିଆ ଗାଡ଼ି ସିଧାସଳଖ ହରିଣ ପାର୍କ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଗାଡି ଚାଳକ ଚହଟା ଛକରୁ ବାମକୁ ଯାଇ ଭୁଆସୁଣୀ ପଡ଼ିଆରେ ପାର୍କିଂ କରି ସେଠାରୁ ପ୍ରଶାସନର ଗାଡ଼ିରେ ବାଲିଯାତ୍ରା ପଡ଼ିଆ ଆସିବେ। ମଧୁସୂଦନ ସେତୁ ଆଡ଼କୁ ଆସୁଥିବା ୩/୪ ଚକିଆ ଗାଡ଼ି ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବ। ସେଠାରୁ ଚାଳକମାନେ ପ୍ରଶାସନର ଗାଡ଼ିରେ ବାଲିଯାତ୍ରା ଆସିବେ। ଭୁଆସୁଣୀ ପଡ଼ିଆ ଓ ଚହଟା ପାଖରୁ ୨ ଚକିଆ ଗାଡ଼ି ହରିଣ ପାର୍କ ପର୍ଯ୍ୟନ୍ତ ଆସି କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂରେ ରହିବ। ହରିଣ ପାର୍କ ଛକରୁ ୩/୪ ଚକିଆ ଗାଡ଼ି ସିଧାସଳଖ ବାଲିଯାତ୍ରା ପଡ଼ିଆକୁ ଯାଇପାରିବ ନାହିଁ। ସେଗୁଡ଼ିକ ସେଠାରୁ ଡାହାଣକୁ ଯାଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ବିଜୁ ପଟ୍ଟନାୟକ ଛକଠାରୁ ୩/୪ ଚକିଆ ଗାଡ଼ି ଦୟାଶ୍ରମ ରାସ୍ତାରେ ସିଧାସଳଖ ବାଲିଯାତ୍ରା ଆଡ଼କୁ ଯାଇପାରିବ ନାହିଁ। ସେଗୁଡିକ ପାଖରେ ଥିବା ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। କନିକା ଛକଠାରୁ ୩/୪ ଚକିଆ ଗାଡ଼ି ସିଧା ଚଣ୍ଡିଛକ ଦେଇ ବାଲିଯାତ୍ରା ପଡିଆକୁ ଯାଇପାରିବ ନାହିଁ। ସେଗୁଡିକ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ଚଣ୍ଡିଛକଠାରୁ ୩/୪ ଚକିଆ ଗାଡ଼ି ସିଧା କନଭେଣ୍ଟ ସ୍କୁଲ ଛକ ଦେଇ ବାଲିଯାତ୍ରା ଆଡ଼କୁ ଯିବ ନାହିଁ। ସେଗୁଡିକ କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଦେଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। କିନ୍ତୁ ଏହି ଛକରୁ ୨ ଚକିଆ ଗାଡ଼ି କନଭେଣ୍ଟ ସ୍କୁଲ ଓ ପିଏଚ୍‌ଡି ଅଫିସ ଦେଇ ଦୟାଶ୍ରମ ସାମ୍ନାରେ ପାର୍କିଂ କରିବ। ବକ୍ସିବଜାରରୁ ନାରୀ ସେବାସଦନ ରାସ୍ତାରେ ୩/୪ ଚକିଆ ଗାଡ଼ି ନ ଯାଇ ମିଶନ ରୋଡ୍‌ରେ ଯାଇ ଚଣ୍ଡିଛକ ଦେଇ ଖ୍ରୀଷ୍ଟିଆନ ପଡ଼ିଆରେ ପାର୍କିଂ କରିବ। ବକ୍ସିବଜାର ଫାୟାର ଷ୍ଟେଶନ ଛକଠାରୁ ୩/୪ ଚକିଆ ଗାଡ଼ି ରିଜର୍ଭ ପୋଲିସ ଲାଇନ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ଯୋବ୍ରା ଓ ମାତାମଠ ପଟୁ ଆସୁଥିବା ଗାଡ଼ି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବାସଭବନ ପାଖରୁ ଡାହାଣ ପଟ ଗଡ଼ାରେ ଯାଇ ତଳ ବାଲିଯାତ୍ରା ପଡ଼ିଆ ପାଖରେ ଥିବା ଷ୍ଟାଣ୍ଡରେ ପାର୍କିଂ କରିବ। ହାଓଡ଼ା ମୋଟର ଛକ ଓ ମସ୍ତାନ ଦରଘା ଆଡୁ ଆସୁଥିବା ଗାଡ଼ି ହୋଟେଲ ଗ୍ରୀନ୍‌ର ଛକଠାରୁ ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବ ନାହିଁ। କୌଣସି ଗାଡ଼ି ଲାୟନ୍ସ ଆଇ ହସ୍ପିଟାଲ ଛକଠାରୁ ଷ୍ଟାଡିୟମ ପଛପଟ ଦେଇ ଓ ମଧୁସୂଦନ ଷ୍ଟାଚ୍ୟୁ ଛକଠାରୁ ବାଲିଯାତ୍ରାକୁ ଯାଇପାରିବ ନାହିଁ। ମୁଖ୍ୟ ବିଚାରପତିଙ୍କ ବାସଭବନ ସାମ୍ନା ପାର୍କିଂରୁ ଗାଡ଼ିଗୁଡ଼ିକ ବାହାରିବାବେଳେ କେବଳ ସିସୋର ରାସ୍ତା ଦେଇ ମାତାମଠ ଆଡ଼କୁ ଯିବ। ସେହିପରି କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂସ୍ଥଳରୁ ଗାଡ଼ିଗୁଡ଼ିକ ବାହାରି କେବଳ କ୍ୟାଣ୍ଟନମେଣ୍ଟ ଥାନା ଆଡ଼କୁ ଯାଇପାରିବ।

# ମେୟର ତିଆରି କଲେ କାଗଜ ଡଙ୍ଗା



କର୍ପୋରେଟରମାନେ କାଗଜଡଙ୍ଗା ତିଆରି କରୁଛନ୍ତି।

- ତାଲିମ ନେଲେ କମିଶନର, କର୍ପୋରେଟର, ଛାତ୍ରୀଛାତ୍ର
- ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବାକୁ ଲକ୍ଷ୍ୟ

ଚଳିତବର୍ଷ ବାଲିଯାତ୍ରାରେ ୧୫ ମିନିଟ୍‌ରେ ୧୦,୦୦୦ କାଗଜ ଡଙ୍ଗା ପ୍ରସ୍ତୁତ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଲକ୍ଷ୍ୟ ରଖିଛି। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, କର୍ପୋରେଟର, ଓକିଲ ସଂଘ, ବିଭିନ୍ନ କ୍ଲବ କର୍ମକର୍ତ୍ତା, ଶିକ୍ଷକମାନେ ଏଥିରେ ସାମିଲ ହୋଇ ଡଙ୍ଗା ତିଆରି କରିବେ। ଆସନ୍ତା ୧୫ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ହେବା ପାଇଁ ଯୋଜନା ରହିଥିବା ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ଏଥିପାଇଁ ଆସନ୍ତା ୧୦ ତାରିଖ ସୁଦ୍ଧା ଲଣ୍ଡନରୁ ଏକ ଟିମ୍ ଆସି କଟକରେ ପହଞ୍ଚିବ। ତେବେ ଏହି ରେକର୍ଡ୍ସର ଅଧିକାରୀ ହେବା ପାଇଁ ସିଏମ୍‌ସିର ସମସ୍ତ କର୍ପୋରେଟରଙ୍କୁ ସ୍ଥାନୀୟ ବିଜୁ ଭବନରେ ଶନିବାର ତାଲିମ ଦିଆଯାଇଥିଲା। ଏଥିପାଇଁ ସିଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍‌କୁ ନିୟୋଜିତ କରାଯାଇଥିଲା। ଉକ୍ତ ଟିମ୍ ରଙ୍ଗିନ କାଗଜରେ ଡଙ୍ଗା ତିଆରି ପାଇଁ ତାଲିମ ପ୍ରଦାନ କରିଥିଲା। ମେୟର ସିଂ କାଗଜ ଡଙ୍ଗା ତିଆରି କରିଥିଲେ। ସେହିପରି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଓ କର୍ପୋରେଟରମାନେ ଡଙ୍ଗା ତିଆରି ପାଇଁ ତାଲିମ ନେଇଥିଲେ। ଏହି ଡଙ୍ଗା ତିଆରିରେ ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ। ସିଏମ୍‌ସି ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ଦଳର କର୍ପୋରେଟର ସ୍ୱାଗତ କରିଛନ୍ତି। ଉକ୍ତ ରେକର୍ଡ୍ସର ଅଧିକାରୀ ହେବା ପାଇଁ ସବୁ ବର୍ଗର ଲୋକଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହାଦ୍ୱାରା କଟକ ବିଶ୍ୱ ଦରବାରରେ ଅଧିକ ପରିଚିତ ହୋଇପାରିବ ବୋଲି କର୍ପୋରେଟରମାନେ କହିଛନ୍ତି।

ସେହିପରି ଶନିବାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ କାଗଜ ଡଙ୍ଗା ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ଆଗାମୀ ଦିନରେ ମୋଟ ୨୨ଟି ସ୍କୁଲର ୩,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ପୂର୍ବରୁ ୧୩ଟି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଶନିବାର ଡିଏଭି ସ୍କୁଲ, ସେଣ୍ଟ ଜାଭିୟର ସ୍କୁଲ, ବକ୍‌ଲି ହାଇସ୍କୁଲ ଓ ଖାନ୍‌ନଗର ହାଇସ୍କୁଲରେ ଛାତ୍ରୀଛାତ୍ରମାନେ ଡଙ୍ଗା ତିଆରି ପାଇଁ ତାଲିମ ନେଇଥିଲେ।





ପ୍ଲାଷ୍ଟିକ୍, ଆବର୍ଜନାମୁକ୍ତ ବାଲିଯାତ୍ରା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ପ୍ଲାଷ୍ଟିକ୍, ଆବର୍ଜନାମୁକ୍ତ ବାଲିଯାତ୍ରା ପାଇଁ ସଚେତନତା ଶୋଭାଯାତ୍ରା

ବାଲିଯାତ୍ରାକୁ ପ୍ଲାଷ୍ଟିକ୍ ଆବର୍ଜନାମୁକ୍ତ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ ଚୌଧୁରୀ ବଜାରସ୍ଥିତ ସିଏମ୍‌ସି କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଚୌଧୁରୀବଜାର ପୌର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ପ୍ଲାଷ୍ଟିକ ଆବର୍ଜନାମୁକ୍ତ ବାଲିଯାତ୍ରା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ପରିମଳ ସଂଯୋଜକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

## ବାଲୁକା କଳା ନିର୍ମାଣ ଆରମ୍ଭ

**କଟକ ଅଫିସ,୫।୧୧**

ଚଳିତବର୍ଷ ବାଲିଯାତ୍ରାରେ ଦେଖିବାକୁ ମିଳିବ ବାଲୁକା କଳା। ଶନିବାରଠାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଉକ୍ତ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ସେ କହିଛନ୍ତି, ବାଲିଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଦେଖି ଖୁସି ଲାଗୁଛି। ଚଳିତବର୍ଷ କିଛି ନୂଆ ଦେଖିବାକୁ ମିଳିବ। ମୁଁ ଓ ମୋର ଛାତ୍ରମାନେ ବାଲୁକାକଳା ପ୍ରସ୍ତୁତିରେ ଲାଗିଛୁ। ବାଲିଯାତ୍ରା ବିଶ୍ୱରେ ନିଆରା। ଏଠାକୁ ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଆସିଥାନ୍ତି।

## ବାଲିଯାତ୍ରାରେ ମାଗଣା ମୋ ବସ୍ ସେବା

ଚଳିତବର୍ଷ ବାଲିଯାତ୍ରା ବୁଲିବାକୁ ଥିବା ଲୋକଙ୍କୁ ମାଗଣାରେ ମୋ ବସ୍ ସେବା ଯୋଗାଇ ଦିଆଯିବ। ବିଜୁ ପଟ୍ଟନାୟକ ପାର୍କରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ମୋ ବସ୍ ଚଳାଚଳ ପାଇଁ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୋଜନା କରାଯାଉଛି। ଏନେଇ ମେୟର ସୁବାସ ସିଂ କହିଛନ୍ତି, ବିଜୁ ପଟ୍ଟନାୟକ ଛକରୁ ମଧୁସେତୁ ଛକ ଓ ଚହଟା ଦେଇ ଏହି ବସ୍ ଚଳାଚଳ କରିବ। ସିଡିଏ କିମ୍ବା ଚୌଦ୍ୱାର ପଟୁ ଆସୁଥିବା ଗାଡିଗୁଡିକ ଗୋରାକବର ନିକଟରେ ପାର୍କିଂ କରିବା ପାଇଁ ଯୋଜନା ରହିଛି। ସେଠାରୁ ଲୋକମାନେ ମୋ' ବସ୍‌ରେ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ଯାଇପାରିବେ। ୨ ବର୍ଷପରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବାରୁ ପ୍ରବଳ ଭିଡ ହେବାର ସମ୍ଭାବନା ରହିଛି। ଯାହା ଟ୍ରାଫିକ ସମସ୍ୟା ସୃଷ୍ଟି କରିପାରେ। ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ମୋଟ ୪ଟି ମୋ ବସ ଚଳାଚଳ ପାଇଁ ଯୋଜନା ରହିଛି। ତେବେ ଏନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମୋ ବସ୍ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯିବ ବୋଲି ମେୟର କହିଛନ୍ତି।

# ମନ ମୋହିଲା ଜାପାନ କଳାକାରଙ୍କ ଓଡ଼ିଶୀ ନୃତ୍ୟ

### କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**କଟକ ଅଫିସ, ୫।୧୧**

କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କଳା ବିକାଶ କେନ୍ଦ୍ର ପକ୍ଷରୁ କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ମହୋତ୍ସବରେ ଜାପାନ କଳାକାର ଆୟୋକା ସାକିନା, ମଞ୍ଜୁ ଓ ହନାନାମିୟା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପ୍ରେକ୍ଷାଳୟରେ ଉପସ୍ଥିତ ଥିବା ଦର୍ଶକଙ୍କ ମନ ମୋହିଥିଲା। ଏହାପରେ ଆସାମ ଗୌହାଟିର ଅନିତା ଶର୍ମା ଶାସ୍ତ୍ରୀୟ ନୃତ୍ୟ, ଭୁବନେଶ୍ୱରର ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଓଡ଼ିଶୀ କଣ୍ଠ ସଙ୍ଗୀତ, ନୂଆଦିଲ୍ଲୀର ଦେବଧାରା ଶିଳ୍ପୀମାନେ ସମବେତ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱରର ତ୍ରିଧାରା ଶିଳ୍ପୀମାନେ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଳା ବିକାଶ କେନ୍ଦ୍ର ପରଫର୍ମିଂ ଗ୍ରୁପର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟରେ ସଙ୍ଗୀତା, ଦିବ୍ୟା, ସୁନୟନା, ଜ୍ୟୋତି, କାଜଲ ଓ ପଦ୍ମିନୀ ଅଂଶଗ୍ରହଣ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି, ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରସେନଜିତ ମହାନ୍ତି ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି, ସଭାପତି ଡ. ବିଜୟାନନ୍ଦ ସିଂ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।



ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିବା ଜାପାନ କଳାକାର।

# କ୍ୟୁଆର୍ କୋଡ୍ ବ୍ୟବସ୍ଥାକୁ ନେଇ ବ୍ୟବସାୟୀ ଅସନ୍ତୁଷ୍ଟ

**କଟକ ଅଫିସ,୫।୧୧**

ଚଳିତବର୍ଷ ବାଲିଯାତ୍ରାରେ ବିକ୍ରି ହେବାକୁ ଥିବା ଖାଦ୍ୟ ପ୍ୟାକେଟ୍, ପାଣି, ଜୁସ୍ ବୋତଲ ଆଦିରେ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱତନ୍ତ୍ର କ୍ୟୁଆର୍ କୋଡ୍ ଲଗାଯିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏହି କ୍ୟୁଆର୍ କୋଡ୍ ଲଗାଇବା ପରେ ବ୍ୟବସାୟୀମାନେ ସାମଗ୍ରୀ ବିକ୍ରିକରିପାରିବେ। ଜନସାଧାରଣ ଉକ୍ତ ସାମଗ୍ରୀକୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୫ ଟଙ୍କା ଦେଇ କିଣିବେ। ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ କାଉଣ୍ଟରରେ ଫେରାଇଲେ ସେମାନେ ୫ ଟଙ୍କା ଫେରିପାରିବେ। ତେବେ ଏଭଳି ବ୍ୟବସ୍ଥାକୁ ନେଇ ବ୍ୟବସାୟଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ଏହାକୁ ସେମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ନେଇ କଟକ ବାରବାଟୀ ପ୍ୟାଲେସରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଯୋଗଦେଇଥିଲେ। ପୂର୍ବରୁ ଅବଗତ କରା ନ ଯାଇ ହଠାତ୍ ଏଭଳି କାହିଁକି ନିଷ୍ପତ୍ତି ନିଆଗଲା ବୋଲି ବ୍ୟବସାୟୀମାନେ ପ୍ରଶ୍ନ କରିଥିଲେ। ଚଳିତବର୍ଷ ବାଲିଯାତ୍ରାରେ ଅଧିକ ଦରରେ ପ୍ଲଟ୍ କିଣିଛୁ। ଏବେ ଅଧିକ କ୍ୟୁଆର୍ କୋଡ୍ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏଭଳି ବ୍ୟବସ୍ଥା ଗ୍ରହଣଯୋଗ୍ୟ ନୁହେଁ। ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ରଖିବାବେଳେ ଗ୍ରାହକଙ୍କ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିବ। ବାଲିଯାତ୍ରା ସଫେଇ ପାଇଁ ସ୍ୱତନ୍ତ୍ର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯଦି କ୍ୟୁଆର୍ କୋଡ୍ ଲାଗିଥିବା ସାମଗ୍ରୀକୁ ବ୍ୟବହାର କରି ଲୋକମାନେ ନିର୍ଦ୍ଦିଷ୍ଟ କାଉଣ୍ଟରରେ ଫେରାଇବେ, ତେବେ ଉକ୍ତ ସଫେଇ ସଂସ୍ଥା କ'ଣ କରିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

## ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ କର୍ମଚାରୀ

**କଟକ ଅଫିସ, ୫।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସିଏମ୍‌ସି କାର୍ଯ୍ୟାଳୟରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ କର୍ପୋରେଟର, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ଲାଗି ଐକ୍ୟବଦ୍ଧ ଭାବେ ଉଦ୍ୟମ କରିବା ସହ ସ୍ୱଚ୍ଛତାର ସହ କାର୍ଯ୍ୟ କରିବା ଲାଗି ଶପଥ ପାଠ କରିଥିଲେ । ଜନସାଧାରଣଙ୍କୁ ଦୁର୍ନୀତିମୁକ୍ତ ସେବା ଯୋଗାଇଦେବା ସହିତ ବିକାଶ ଓ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାଧୁତା ବଜାୟ ରଖିବା ଉପରେ ମେୟର ଗୁରୁତ୍ୱ ଦେଇଥିଲେ ।



ଜିଲା ପ୍ରଶାସନର ଦାୟିତ୍ୱହୀନତା ହେତୁ ପଞ୍ଚକ ଓ ବଡ଼ଓଷାରେ ଧବଳେଶ୍ୱରଙ୍କ ଦର୍ଶନରୁ ଭକ୍ତ ବଞ୍ଚିତ ହେବା ତଥା ଧବଳେଶ୍ୱର ପୀଠରେ ୧୪୪ ଧାରା ଲାଗିବା ବିରୋଧରେ ହିନ୍ଦୁ ସେନା ପକ୍ଷରୁ ଶନିବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।





କଟକ ରେଭେନ୍‌ଶା କଲିଜିଏଟ ସ୍କୁଲ ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।